প্ৰথম দিনরে ভারত ৩৩৬/৬




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୮ • ୩ ଫେବୃୟାରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-8 • 3rd February 2024, Saturday • Bhubaneswar | Licensed to post without pre-payment of postage No- BN-60/22-24



ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ନିଜର ପକ୍କା ଘର ପାଇଁ ସମସ୍ତଙ୍କ ସ୍ୱପ୍ନ ହେଉଛି ପୂରଣ

୪ କୋଟିରୁ ଅଧିକ ପକ୍କା ଘର ନିର୍ମାଣ

ଆମ ସଂକଳ୍ପ ବିକଶିତ ଭାରତ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

cbc 22201/13/0246/2324


# ଅକ୍ଷର ଭୂମିର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ, ଆଜିଠୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ମହାକୁମ୍ଭ

ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

ଶନିବାରଠାରୁ ତିନି ଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭୁବନେଶ୍ୱରର କଳାମଣ୍ଡଳ ପରିସରରେ ନିର୍ମିତ ହୋଇଛି ଅକ୍ଷରଭୂମି । ଶୁକ୍ରବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଅକ୍ଷରଭୂମିର ଲୋକାର୍ପଣ କରିଛନ୍ତି ।

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ ଖାଣ୍ଡେଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ସ୍ୱରୂପ ନିର୍ମିତ ହୋଇଛି ଅକ୍ଷର ଭୂମି । ଓଡ଼ିଆ ବର୍ଣ୍ଣମାଳାରେ ସୁଶୋଭିତ ଅକ୍ଷର ଭୂମି, ଆମ ଭାଷା ପ୍ରୀତିକୁ ଉଜ୍ଜୀବିତ କରି



ରଖିବା ସହ ଆମ ଭାଷା ସଂସ୍କୃତି କଳା ଓ ସ୍ଥାପତ୍ୟର ଜୟ ଗାନ କରି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆମର ମହାନ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷର ଭୂମି ଭବିଷ୍ୟତ ପିଢିକୁ ପ୍ରେରଣା ଦେଇଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

ସୂଚନା ଯୋଗ୍ୟ ଯେ, ୫-ଟି ଅଧ୍ୟକ୍ଷ ଭି . କାର୍ତ୍ତିକ (ପୃଷ୍ଠା ୭ରେ)

## ଆଜି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

# ୬୮ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ କରିବେ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୨
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନିକିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି । ସେ ୬୮ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ କରିବା ସହିତ ଜନସାଧାରଣଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।



ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ହେଲିପ୍ୟାଡାରୁ ସଭାସ୍ଥଳ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତି କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସଙ୍କ ସମେତ ୭ ଜଣ କମାଣ୍ଡାଣ୍ଟ ଓ ୩୦୦ ଅଫିସର ଦାୟିତ୍ୱରେ ରହିବେ । ସୁରକ୍ଷା ବ୍ୟବସ୍ଥା ତଦାରଖ ଲାଗି ୪ ଜଣ ଏସ୍‌ପି ଓ ୨ ଜଣ ଆଇଜିଙ୍କୁ ଦାୟିତ୍ୱ ଦିଆଯାଇଥିବା ଓଡ଼ିଶା ରାଜ୍ୟ ସଶସ୍ତ୍ରବାହିନୀର କମାଣ୍ଡାଣ୍ଟ ଭବାନୀ କୁମାର ସେଠ୍ ସୂଚନାଦେଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଜଗଦୀଶପୁର-ହଳଦିଆ ଓ ବୋକାରୋ-ଧାମରା ପାଇପ୍ ଲାଇନ୍ ପ୍ରକଳ୍ପର ୪୧୨ କିଲୋମିଟର ବିଶିଷ୍ଟ ଧାମରା-ଅନୁଗୁଳ ପାଇପ୍‌ଲାଇନ୍ ସେକ୍‌ସନ୍‌କୁ ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ ଉର୍ଜ୍ଜାଗଙ୍ଗା ଅଧୀନରେ ୨ ହଜାର ୪୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଓଡ଼ିଶାକୁ ଜାତୀୟ ଗ୍ୟାସ୍ ଗ୍ରୀଡ୍ ସହ ସଂଯୋଗ କରିବ ।

ପ୍ରଧାନମନ୍ତ୍ରୀ ମୁମ୍ବାଇ-ନାଗପୁର-ଝାରସୁଗୁଡ଼ା ପାଇପ୍‌ଲାଇନ୍‌ର ୬୯୨ କିଲୋମିଟର ବିଶିଷ୍ଟ ନାଗପୁର-ଝାରସୁଗୁଡ଼ା ପ୍ରାକୃତିକ ଗ୍ୟାସ୍ ପାଇପ୍‌ଲାଇନ୍‌ର ଶିଳାନ୍ୟାସ କରିବେ । ଏଥିରେ ୨ ହଜାର ୬୬୦ କୋଟି ଟଙ୍କାରୁ ଅଧିକ ବ୍ୟୟ କରାଯିବ ଏବଂ ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶା, ମହାରାଷ୍ଟ୍ର ଓ ଛତିଶଗଡ଼ରେ ସହଜରେ ପ୍ରାକୃତିକ ଗ୍ୟାସ୍ ଉପଲବ୍ଧ ହେବ ।

ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୨୮ ହଜାର ୯୮୦ କୋଟି ଟଙ୍କାର ଏକାଧିକ ବିଦ୍ୟୁତ୍ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏଥିରେ ସୁନ୍ଦରଗଡ଼ର ଏନ୍.ଟି.ପି.ସିର ୨ଟି ୮ ଶହ ମେଗାୱାଟ୍ ବିଶିଷ୍ଟ ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ନୂଆ ଓଡ଼ିଶା ଗଠନରେ ସାମିଲ ହୁଅନ୍ତୁ ଖରିଆରବାସୀ

ଭୁବନେଶ୍ୱର, ୨।୨ : ନ୍ୟୁଜ୍ ବ୍ୟୁରୋ

ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ । ଯେଉଁଥିରେ ଗରିବ ଲୋକ ବି ବଡ ବଡ ସ୍ୱପ୍ନ ଦେଖିପାରିବେ ଓ ତାକୁ ସାକାର କରିପାରିବେ । ଏଥିରେ ଖରିଆରବାସୀ ବି ସାମିଲ ହେବାକୁ ଶୁକ୍ରବାର ନୂଆପଡା ଜିଲ୍ଲା ବୋଡେନଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଆହ୍ୱାନ ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମୁଖ୍ୟମନ୍ତ୍ରୀ ଖରିଆରବାସୀଙ୍କ ପାଇଁ ଦିନ ରାତି କାମ କରୁଛନ୍ତି । ଖରିଆରବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭଲରେ ଆଶୀର୍ବାଦ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ୫-ଟି ଅଧ୍ୟକ୍ଷ । ସେ କହିଛନ୍ତି ଯେ, ଏହା ନବୀନ ପଟ୍ଟନାୟକ କି ବିଜେଡି ସରକାର ନୁହେଁ । ଏହା ଲୋକଙ୍କ ସରକାର ।




ସାଧାରଣ ଲୋକେ ଯାହା ଚାହିଁବେ ମୁଖ୍ୟମନ୍ତ୍ରୀ ତାହା କରିବେ । ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହାକୁ ସାକାର କରିବାକୁ ଖରିଆରବାସୀ ଏକାଠି ହୁଅନ୍ତୁ । ସମୟ ଆସିଛି (ପୃଷ୍ଠା ୭ରେ)

## ଏକାଳ ସକାଳ



ରାଉ ରାଉ ଖାଲି ହେଉଥାନ୍ତି ନେତା
ଜିଣିବାକୁ ନିର୍ବାଚନ
ଜନତା ବି ଆଉ ବିଚାରା ନାହାନ୍ତି
ଶୁଣିବାକୁ ପ୍ରବଚନ
ଶୁଣଆରେ ବାବୁଧନ
ବର୍ଷ ବର୍ଷ ଧରି କାମ କରିଥିଲେ
ଜିତିବ ଜନତା ମନ ।

# ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଚମ୍ପାଇ ସୋରେନ



ରାଞ୍ଚି, ୨।୨

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବିଧାୟକ ଦଳର ନେତା ଚମ୍ପାଇ ସୋରେନ ଝାଡଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ (ପୃଷ୍ଠା ୭ରେ)

# ଚଳଚ୍ଚିତ୍ର ଅଭିନେତା ପଦ୍ମଶ୍ରୀ ସାଧୁ ମେହେରଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨।୨ : ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପଦ୍ମଶ୍ରୀ ସାଧୁ ମେହେରଙ୍କ ପରଲୋକ ଘଟିଛି । ୮୪ ବର୍ଷ ବୟସରେ ମୁମ୍ବାଇରେ ତାଙ୍କର ପରଲୋକ ଘଟିଛି । ଉଭୟ ହିନ୍ଦୀ ଓ ଓଡ଼ିଆ ସିନେମାରେ ଖ୍ୟାତି ଅର୍ଜନ କରିଥିଲେ ସାଧୁ ମେହେର । ଅଙ୍କୁର, ମୃଗୟା, ଭୁବନ ସୋମ୍, ମନ୍ଥନରେ ସାଧୁ ମେହେରଙ୍କ ନିଖୁଣ ଅଭିନୟର ଛାପ ରହିଛି ।



୧୯୬୯ରେ ରିଲିଜ ହୋଇଥିବା ମୃଣାଳ ସେନଙ୍କ ହିନ୍ଦୀ ଫିଲ୍ମ ଭୁବନ ସୋମ ଥିଲା ସାଧୁ ମେହେରଙ୍କ ପ୍ରଥମ ଫିଲ୍ମ । ୧୯୭୪ ମସିହାରେ ରିଲିଜ ହୋଇଥିଲା ତାଙ୍କ ଅଭିନୀତ ଫିଲ୍ମ ଅଙ୍କୁର । ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ପରେ ପରେ (ପୃଷ୍ଠା ୭ରେ)

# ପୁରୀରେ ପହଞ୍ଚିଲା କଳାଜିରା ଚାଉଳ



ପୁରୀ, ୨।୨ : ନ୍ୟୁଜ୍ ବ୍ୟୁରୋ

ପୁରୀରେ ପହଞ୍ଚିଲା କଳାଜିରା ଚାଉଳ । ସାବର ଶ୍ରୀକ୍ଷେତ୍ର କୋରାପୁଟରୁ ଆସିଥିବା କଳାଜିରା ଚାଉଳ ଶୁକ୍ରବାର ଦିନ ପୁରୀରେ ଆସି ପହଞ୍ଚିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନର ଦାନ ପ୍ରକୋଷ୍ଠରେ ଏହାକୁ ସମର୍ପଣ କରାଯାଇଛି । ଏକ କ୍ୱିଣ୍ଟାଲ କଳାଜିରା ଚାଉଳ ସହ ନଡ଼ିଆ, କଞ୍ଚା କଦଳୀ ମଧ୍ୟ ଶ୍ରୀମନ୍ଦିର ଦାନ ପ୍ରକୋଷ୍ଠରେ ସମର୍ପଣ କରାଯାଇଛି ।

ଚଳିତ ବର୍ଷ କଳାଜିରା ଚାଉଳକୁ ଜିଆଇଟ୍ୟାଗର ମାନ୍ୟତା ମିଳିଛି । ସୁଗନ୍ଧିତ ଧାନରେ ପ୍ରସ୍ତୁତ ଏହି କଳାଜିରା ଚାଉଳର ବହୁତ ଭଲ ବାସ୍ନା ମଧ୍ୟ ରହିଛି । ଏହି ଚାଉଳ ଧିରେ ଧିରେ ବିଲୁପ୍ତ ହେବାକୁ ଯାଉଥିବା ବେଳେ କୋରାପୁଟର ଶ୍ରୀ ଫାର୍ମର ପ୍ରଡ୍ୟୁସର (ପୃଷ୍ଠା ୭ରେ)


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KIITEE 2024 APPLY NOW
through KIIT Websites
www.kiitee.ac.in/www.kiit.ac.in

No Examination Fee
(Computer-Based Online Test)

750 + companies
6200+ Job Offers

Ranking & Recognition
16th Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 Reaccredited by NBA All Engineering Programs for 6 Years
THE World University Rankings 2023: 301-400 Computer Science, 401-500 Engineering, 601-800 University Ranking
ABET ABET (US) Accreditation
IET

CAMPUS PLACEMENT 2023 HIGHLIGHTS
₹63LPA Highest Salary Offered
2000+ paid internship opportunities
₹8.20LPA Average CTC

B.Tech (4 Years) in following branches of Engineering : Civil, Electrical, Mechanical, Electronics & Telecommunication, Electronics & Computer Science, Electronics and Electrical, Aerospace, Mechatronics, Mechanical (Automobile), Chemical, Computer Science, Information Technology, Computer Science and System, Computer Science and Communication

ACADEMIC PROGRAMMES AVAILABLE

Bachelor's Programmes
- B. Design (Automobile/Graphic/Product) (4 Years)
- B.Tech & M.Tech Biotechnology (5 years)
- B. Arch. (5 years)
- B. Tech. ( Lateral Entry) (3years)
- BCA (3 years)
- BBA (3 years)
- Bachelor of Design (Fashion / Textile) (4years)
- Bachelor of Film & Television Production (3 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Communication & Journalism (3 years)
- BA in Economics (Hons)(4 years)
- BA in Sociology (Hons)(4 years)
- BA in English (Hons)(4 years)
- B.A. in Psychology (Hons)(4 years)
- B.Com (Hons) (4 years)
- B.Sc. Computer Science (4 years)
- B.Sc. Nursing (4 years)
- B.Pharma (4 years)
- D.Pharma (2 Years)

Master's Programmes
- M.Tech. (2 years)
- LLM (2 years)
- MCA (2 years)
- M.Sc Biotechnology (2 years)
- M.Sc. Applied Microbiology (2 years)
- M. Arch(2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- Master in Sports & Yogic Sciences (2 years)
- Master of Hospital Administration (2 years)
- Master of Public Health (2 years)
- MBA (2 years)
- MBA in Business Analytics (2 years)
- MBA in Operations & Supply Chain Management (2 years)
- MBA in Rural Management (2 years)
- MBA in Agribusiness Management (2 years)
- M. Design (2 Years)
- M.Sc. Computer Science (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA in Psychology (2 years)
- MA in Public Policy (2 years)
- M.Com (2 years)
- M.Sc. in Physics / Chemistry / Mathematics & Data Science (2 years)
- M.Sc. Nursing (2 years)
- Ph.D

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India.
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

30 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୩ ଫେବୃୟାରୀ ୨୦୨୪ ଶନିବାର






## ସୋଆ ପ୍ରଫେସରଙ୍କ ଦ୍ୱାରା ଅନୁବାଦିତ ପୁସ୍ତକ କେନ୍ଦ୍ରମନ୍ତ୍ରୀ ଗଡକରିଙ୍କ ଦ୍ୱାରା ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ନଚିକେତା ଖମାରୀ ଶର୍ମାଙ୍କ ଦ୍ୱାରା ପ୍ରଖ୍ୟାତ ସମାଜବାଦୀ ବିଚାରଧାରାର ଚିନ୍ତକ ଶ୍ରୀ ରଘୁ ଠାକୁରଙ୍କ ରଚିତ ହିନ୍ଦୀ ପୁସ୍ତକ 'ଗାନ୍ଧୀ – ଆମ୍ବେଦକର –କିତନେ ଦୁର କିତନେ ପାସ'ର ଓଡ଼ିଆ ଅନୁବାଦିତ ପୁସ୍ତକ ଶନିବାର ନାଗପୁର ଠାରେ ଉନ୍ମୋଚିତ ହୋଇଯାଇଛି । ନାଗପୁର ପ୍ରେସ୍ କ୍ଲବ୍ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡକରି ଏହି ପୁସ୍ତକର ଉନ୍ମୋଚନ କରିଥିଲେ । ଶ୍ରୀ ଗଡକରି ଏହି ସଭାରେ କହିଥିଲେ ଯେ ସମାଜର ହିତ ନିମନ୍ତେ ସମସ୍ତେ ଏକମତ ହେବା ଆବଶ୍ୟକ । ବିଚାରମତ ଦ୍ୱାରା ଦେଶର ପ୍ରଗତି ହେଲେ ଗାନ୍ଧୀ ଆମ୍ବେଦକରଙ୍କ ସ୍ୱପ୍ନ ସାକାର ହେବ ବୋଲି ସେ ମତ ରଖିଥିଲେ । ଗାନ୍ଧୀ ଆମ୍ବେଦକରଙ୍କ ବିଚାରଧାରାରେ କ'ଣ ମତ ପାର୍ଥକ୍ୟ ରହିଥିଲା ତାକୁ ଗୁରୁତ୍ୱ ନଦେଇ ସେମାନଙ୍କ ଚିନ୍ତାରେ କ'ଣ ଐକ୍ୟତା ଥିଲା ସେ ବିଷୟକୁ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ । ଆଜି ବିଚାର ଭିନ୍ନତା ନୁହେଁ ମାତ୍ର ବିଚାର ଶୂନ୍ୟତା ହିଁ ସମାଜ ପାଇଁ ସମସ୍ୟାର କାରଣ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଏହି ପୁସ୍ତକର ମରାଠୀ ଅନୁବାଦ ମଧ୍ୟ ଲୋକାର୍ପିତ ହୋଇଥିଲା । ପ୍ରଫେସର ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲାରେ ନୂତନ ଏସ୍‌ପି କାର୍ଯ୍ୟରେ ଯୋଗଦେଲେ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁରର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଯଶ ପ୍ରତାପ ଶ୍ରୀମାଲ (ଆଇପିଏସ) ଯୋଗଦାନ କରିଛନ୍ତି । ଶ୍ରୀମାଲ ପୂର୍ବରୁ କେସିଙ୍ଗା ଓ ବାଲିଗୁଡା ଠାରେ ଏସଡିପିଓ ଭାବେ ଦକ୍ଷତାର ସହ କାର୍ଯ୍ୟକରି ଅପରାଧ ନିୟନ୍ତ୍ରଣରେ ଖୁବ ଭୂମିକା ଥିଲା । ସହର ତଥା ଜିଲ୍ଲାରେ ଟ୍ରାଫିକ, ଆଇନ ଶୃଙ୍ଖଳା, ରାହାଜାନୀ, ଛିନ୍ତାଇ, ସାଇବର କ୍ରାଇମ୍, ଗଞ୍ଜେଇ ଚୋରାଚାଲାଣ ତଥା ସଟ୍ଟା ଜୁଆ ଖେଳକୁ ନିୟନ୍ତ୍ରଣ କରିବା ସହ ରାତ୍ର ସମୟରେ ପାଟ୍ରୋଲିଂକୁ କଡାକଡି କରାଯିବା । ଜିଲ୍ଲାର ବିଭିନ୍ନ ଜାଗାକୁ ଅଚାନକ ପରିଦର୍ଶନ କରି ଜିଲ୍ଲା ପୋଲିସକୁ ସକ୍ରିୟ କରି ଅସାମାଜିକ କାର୍ଯ୍ୟ କଳାପକୁ ରୋକିବି ବୋଲି ମିଡିଆକୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହାସହିତ ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛୁ ବୋଲି କହିଥିଲେ । ଏସବୁ ଦିଗରେ ସଫଳତା ପାଇଁ ମିଡ଼ିଆ ଓ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ ।

## ରାୟଗଡ଼ରେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡରେ ନୂତନ ଜିଲ୍ଲାପାଳ ଭାବେ ମନୋଜ ସତ୍ୟବାନ ମହାଜନ ଯୋଗଦାନ କରିଛନ୍ତି । ଭାରପ୍ରାପ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କ ଠାରୁ ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାପରେ ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରାଇତ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର ମାନେ, ସାମ୍ବାଦିକ ସଂଘର କର୍ମକର୍ତ୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ । ପୂର୍ବତନ ଜିଲ୍ଲାପାଳ ସ୍ୱାଧଦେବ ସିଂଙ୍କ ନୟାଗଡ ଜିଲ୍ଲାପାଳ ଭାବେ ବଦଳି ହେବାପରେ ଅତରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଜିଲ୍ଲାପାଳ ଦାୟିତ୍ୱ ତୁଲାଉଥିଲେ । ନୂତନ ଏହାପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲାରେ ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦରେ ସୁରୁରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ ।

## ମହୋତ୍ସବ ହେଉଛି ଲୋକକଳାକୁ ବଞ୍ଚାଇ ରଖିବା ମାଧ୍ୟମ:ଡଃ ଅଚ୍ୟୁତ ସାମନ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକ ଅନ୍ତର୍ଗତ ଜଗତି ହାଇସ୍କୁଲ ପଡିଆରେ ଚାଲିଥିବା ତୃତୀୟ ଗନ୍ଧରାଡ଼ି ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକ ସମ୍ବଲପୁରୀ ଗୀତରେ ମତୁଆଲା ହୋଇଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ । ମହୋତ୍ସବ ମଞ୍ଚରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଡ଼ଃ ଅଚ୍ୟୁତ ସାମନ୍ତ, ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ୮ ନଂ ଜିଲ୍ଲା ପରିଷଦ ସଭ୍ୟ । ତାରାମଣି ପ୍ରଧାନ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ସମ୍ପାଦକ ଶମ୍ଭୁ ଗିରି ମଞ୍ଚାସୀନ ଥିଲେ । ଏହାପରେ ଅତିଥିଗଣଙ୍କୁ ବ୍ୟାଚ୍, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଭାତ କୁମାର ପ୍ରଧାନ ଦେଇଥିଲେ । ମନୋଜ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ତୋଷ କୁମାର କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ । ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମଞ୍ଚ କାର୍ଯ୍ୟ ପରେ ବିଶିଷ୍ଟ କଣ୍ଠଶିଳ୍ପୀ ନୂର୍ ବେଗମ, ଜହ୍ନା ପଙ୍କ ଶିଶୁ ମନ୍ଦିର, ଜହ୍ନା ପଙ୍କ ହାଇସ୍କୁଲ, ଗନ୍ଧରାଡ଼ି କଳା ପରିଷଦ, ତେଲିବନ୍ଧ ହାଇସ୍କୁଲ, ଆର୍ଯ୍ୟାନ ଏକାଡେମି କୁମୁରସିଙ୍ଗା, ମୁଣ୍ଡିପଦର ହାଇସ୍କୁଲ, ଗିରାସିଙ୍ଗା ସ୍କୁଲ, ଜଗତି ହାଇସ୍କୁଲ, ଗନ୍ଧରାଡ଼ି କଲେଜ, ପ୍ରେମ ଡେନ୍ସ ଗ୍ରୁପର କଳାକାର ତଥା ଛାତ୍ର ଛାତ୍ରୀ, ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କଳାକାର ମାନେ ତାଙ୍କର କଳା ପ୍ରଦର୍ଶନ କରିଥିଲେ । ତାପସ ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ।

### ଯାଜପୁର ଜିଲ୍ଲା ପରିଷଦର ଚତୁର୍ଥ ସାଧାରଣ ବୈଠକ

## ଯାଜପୁର ଜିଲ୍ଲାକୁ ୪୧୦୯ଟି ପ୍ରକଳ୍ପ ପାଇଁ ୧୫୫ କୋଟି ୫୦ ଲକ୍ଷ ମଞ୍ଜୁର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲା ପରିଷଦ ସ୍ୱ ରୋଜଗାରୀ ପ୍ରଶିକ୍ଷଣ କେନ୍ଦ୍ର ଗୃହରେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନାଙ୍କ ଅଧ୍ୟକ୍ଷତା ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ସଭାପତିତ୍ୱରେ ଷଷ୍ଠ ଜିଲ୍ଲା ପରିଷଦର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ, ଭାରପ୍ରାପ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ ଯୋଗ ଦେଇଥିଲେ । ବୈଠକ ପ୍ରାରମ୍ଭରେ ଯାଜପୁର ଜିଲ୍ଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରଥମ କାର୍ଯ୍ୟସୂଚୀ ଅନୁଯାୟୀ ଷଷ୍ଠ ଜିଲ୍ଲା ପରିଷଦର ତୃତୀୟ ସାଧାରଣ ବୈଠକର ଲିପିବଦ୍ଧ ବିବରଣୀକୁ ଆଲୋଚନା ପୂର୍ବକ ଏହାକୁ ଦୃଢୀକରଣ କରାଯାଇଥିଲା । ବୈଠକ ଦ୍ୱିତୀୟ କାର୍ଯ୍ୟସୂଚୀ ଅନୁଯାୟୀ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ବନ୍ଧୀୟ ଆଲୋଚନା ପୂର୍ବକ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ରାଜ୍ୟ ସରକାରଙ୍କ ତରଫରୁ ମୋଟ ୪୧୦୯ ଟି ପ୍ରକଳ୍ପ ନିମନ୍ତେ ୧୫୫ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ତନ୍ମଧ୍ୟରୁ ୫୭ ଟି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ୨୩୭୫ ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ଓ ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶିଘ୍ର ଆରମ୍ଭ ହେବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସୂଚନା ଦେଇଥିଲେ । ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଲକ୍ଷ୍ମୀ ବସ୍ ସେବା ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ । ଏହି ଯୋଜନାରେ ଜିଲ୍ଲାରେ ମୋଟ୍ ୨୬୬ଟି ବସ୍‌ଷ୍ଟପ୍ ହେବାର ଯୋଜନା ରହିଛି । ତୃତୀୟ କାର୍ଯ୍ୟସୂଚୀରେ ଓଡ଼ିଶା ଜୀବିକା ମିଶନ ସମ୍ବନ୍ଧୀୟ ଆଲୋଚନା ପୂର୍ବକ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧିନରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟ କରୁଛି । ଓଡ଼ିଶା ଜୀବିକା ମିଶନ ଅଧିନରେ ସାମାଜିକ ଅନ୍ତର୍ଭୁକ୍ତିକରଣ (ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମଞ୍ଚ/ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଇତ୍ୟାଦି ଗଠନ), ଆର୍ଥିକ ଅନ୍ତର୍ଭୁକ୍ତିକରଣ (ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ବ୍ୟାଙ୍କ ସହିତ ସଂଯୋଗୀକରଣ, ବ୍ୟାଙ୍କ ଋଣ ପ୍ରଦାନ ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ପ୍ରଦାନ) ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣ (ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଦକ୍ଷତା ବୃଦ୍ଧି ଓ ଜୀବିକା ବିକାଶ କାର୍ଯ୍ୟକ୍ରମ) ଆଦି କାର୍ଯ୍ୟକ୍ରମ କରାଯାଉଛି । ଯାଜପୁର ଜିଲ୍ଲାର ୧୦ ଗୋଟି ବ୍ଲକରେ ମୋଟ ୨୫୮୦୨ ଗୋଟି ସକ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀ, ୨୦୪୯ ଆଞ୍ଚଳିକ ମଞ୍ଚ ଏବଂ ୩୧୧ ଗୋଟି ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଅଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବିଭିନ୍ନ ବିଭାଗ ସହିତ ସଂଯୋଗ କରାଯାଇ ଆର୍ଥିକ ଅନୁଦାନ ମାଧ୍ୟମରେ ବିଭିନ୍ନ ପଶୁପାଳନ, ମତ୍ସ୍ୟ ଚାଷ, କୁକୁଡା/ବତକ ପାଳନ, ପରିବା ଚାଷ, ଛତୁ ଚାଷ, ଫୁଲ ଚାଷ ଏବଂ ମହୁ ଚାଷ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କର ଆର୍ଥିକ ଉନ୍ନତି କରାଯାଇପାରିଛି । ଜିଲ୍ଲାରେ ମୋଟ୍ ୯୪ ଗୋଟି ଉତ୍ପାଦିକା ଗୋଷ୍ଠୀ ଗଠନ କରାଯାଇ (ଟସର, ଟେରାକୋଟା, ଆପାରେଲ୍, ସଫ୍ଟ ଖେଳଣା, ବାଉଁଶ, କାଗଜ ପ୍ଲେଟ୍, ପଥର କାର୍ଯ୍ୟ, ଝୋଟ, ଟେଲରିଂ, ଗୋଲ୍‌ଡେନ୍ ଗ୍ରାସ୍ ଇତ୍ୟାଦି) ସେମାନଙ୍କୁ ତାଲିମ ଏବଂ ଯନ୍ତାଂଶ କ୍ରୟ ନିମନ୍ତେ ଅନୁଦାନ ପ୍ରଦାନ କରାଯାଇଛି । ଜିଲ୍ଲା ପରିଷଦର ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ଜିଲ୍ଲା ପରିଷଦ ଉପ-ସଭାପତି ଗଣେଶ୍ୱର ବରାଳ ସୂଚନା ଦେଇଥିଲେ । ଏହି ସୂଚନା ପାଇବା ପରେ ସମସ୍ତ ଜିଲ୍ଲା ପରିଷଦ ଜୋନ୍‌ର ସଦସ୍ୟ/ସଦସ୍ୟା ମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିଲା ।

## ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଦୁଇ ଯୁବକ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ପାଞ୍ଚ ମାସ ତଳେ କାମର ସନ୍ଧାନରେ ଯାଇ କାମ ପାଇଥିଲେ ଏକ ବୋରୱେଲ ସଂସ୍ଥାରେ । ପାଞ୍ଚମାସ କାମ କଲାପରେ ୩୦ ତାରିଖରେ ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣହାରିଲେ ଦୁଇ ଯୁବକ । ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ରାଇଘର ବ୍ଲକ ବୋବେଇ ଗ୍ରାମ ପଞ୍ଚାୟତର କଟୁଆଳପାରା ଗ୍ରାମରେ । ପ୍ରାପ୍ତ ସୂଚନା ଅନୁଯାୟୀ ଗତ ପାଞ୍ଚ ମାସ ତଳେ କୁନ୍ଦେଇ ପଞ୍ଚାୟତର କାନାଡିହି ଗ୍ରାମର ଶ୍ରୀରାମ ହରିଜନ କାମ ଦେବ କହି ଡାକି ନେଇଥିଲା କଟୁଆଲ ପାରା ଗାଁର ଚାରିଜଣ ଯୁବକ ରଘୁନାଥ ଗଣ୍ଡ, ଲଡଗା ଗଣ୍ଡ, ଗୋବିନ୍ଦ ଗଣ୍ଡ (୩୦), ସରଦୀପ ଗଣ୍ଡ (୧୭)ଙ୍କୁ ମହାରାଷ୍ଟ୍ର ରାଜ୍ୟର ପାର୍ଲିରେ ଏକ ବୋରୱେଲ ସଂସ୍ଥାରେ କାମ ଯୋଗାଇଥିଲା । ୩୦ ତାରିଖ ଦିନ କାମ କରିବା ସମୟରେ ବୋରୱେଲ ଗାଡିଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଦୁଇଜଣ ବର୍ତି ଯାଇଥିବାବେଳେ ସରଦୀପ ଓ ଗୋବିନ୍ଦଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଏହାପରେ ସଂସ୍ଥାର ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ଶବ ଦୁଇଟି ନିଜ ଗ୍ରାମ କଟୁଆଳପାରାକୁ ପଠାଇଥିଲା । ଗ୍ରାମରେ ମୃତ ଶରୀର ପହଞ୍ଚିବା ପରେ ଉତ୍ତେଜନା ଦେଖାଯାଇଥିଲା । ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ନ ଦେବାଯାଏ ଆମ୍ବୁଲାନ୍ସକୁ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ । କ୍ଷତିପୂରଣ ଦେବାପରେ ଆମ୍ବୁଲାନ୍ସକୁ ଛାଡ଼ାଯାଇଥିବା ଜଣାପଡିଛି । କ୍ଷତି ପୂରଣ ବାବଦକୁ ୧୦ ଲକ୍ଷ ତାଙ୍କ ଦାବି କରିଛନ୍ତି ପରିବାର ଲୋକେ । ପ୍ରକାଶ ଥାଉକି ପୂର୍ବରୁ ଏହିପରି ଘଟଣା ବହୁବାର ଏହି ବ୍ଲକରେ ଘଟିଥିବା ଦେଖିବାକୁ ମିଳିଛି । ପ୍ରଶାସନର ସଚେତନତାର ଅଭାବ ତଥା ଶ୍ରମ ଅଧିକାରୀଙ୍କ ବେପରୁଆ ନୀତି ଯୋଗୁ ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଥିବା ବୁଦ୍ଧିଜୀବୀ ମାନେ କହିଛନ୍ତି ।

## ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ନୂତନ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନବ ନିଯୁକ୍ତ କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଜିଲ୍ଲାର ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ଅନୁଧ୍ୟାନ କରିଥିବା ଜଣାପଡିଛି । ବୁଧବାର ସକାଳ ୮ଟା ସମୟରେ ସୂର୍ଯ୍ୟବଂଶୀ ଶ୍ୟାମଗୁଡିଆ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଳୟର ଅବସ୍ଥା, ରୋଗୀ ସେବା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ଡାକ୍ତର ମାନଙ୍କ ସହ ଓ ଅନ୍ତେବାସୀ ରୋଗୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ଚିକିତ୍ସା ସମ୍ବନ୍ଧୀୟ ଭଲ ମନ୍ଦ କଥା ପଚାରି ବୁଝିଥିଲେ । ଏହି ଆଲୋଚନା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, ଏଓ ଅଞ୍ଜଳୀ ତରାଇଙ୍କ ସମେତ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମହାକୁମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଆ ଭାଷାର ଅତୀତ, ସ୍ୱାତନ୍ତ୍ର୍ୟ ଓ ସମୃଦ୍ଧିର ବୈଭବକୁ ଜନାଦୃତ କରିବା ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦକ୍ଷେପ ସ୍ୱତନ୍ତ୍ର । ଓଡ଼ିଆ ଭାଷା ସାହିତ୍ୟକୁ ଏକ ନୂତନ ରୂପରେ ସଂସ୍ଥାପନ କରିବାର ପ୍ରୟାସରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଓଡ଼ିଶା ସରକାରଙ୍କ ପ୍ରଯୋଜିତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ତଥା ଅଧ୍ୟକ୍ଷତାରେ ଏହି ତିନିଦିନିଆ ସମ୍ମିଳନୀ ଓ ଆନ୍ତର୍ଜାତିକ ଆଲୋଚନାଚକ୍ରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଶେଷ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ, ସ୍ୱରୂପ ଦାସ ଯୋଗଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଦେବାଶିଷ ପାତ୍ର ଓ ସହ ସଂଯୋଜକ ଡକ୍ଟର ଅସୀମ ଅମିତାଭ ପ୍ରଧାନ ଉପସ୍ଥିତ ରହିଥିଲେ । ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ ବିଧାୟକ ଶ୍ରୀ ଦାସ କହିଥିଲେ ଯେ, ଓଡ଼ିଆ ଭାଷାର ସୁରକ୍ଷା ଓ ପୁନରୁଦ୍ଧାର ହେତୁ ନିଜ ଜୀବନକୁ ଉତ୍ସର୍ଗ କରିଯାଇଥିବା ମହାନ ବ୍ୟକ୍ତିବିଶେଷ ତଥା ମହାପୁରୁଷଙ୍କ ବଳିଦାନକୁ ବ୍ୟର୍ଥ ଯିବାରୁ ବଞ୍ଚାଇବା ବର୍ତ୍ତମାନ ସମସ୍ତଙ୍କ ପ୍ରଧାନ କର୍ତ୍ତବ୍ୟ । ସର୍ବୋପରି ଆମ ପରିଚୟ ଆମ ଭାଷା ହେବା ଆବଶ୍ୟକ । ସମୃଦ୍ଧ ଓଡ଼ିଆ ଭାଷାକୁ ଉଚ୍ଚସ୍ତରରେ ରଖିବା, ଏହାକୁ ଆନ୍ତରିକତାର ସହ ଆପଣାଇବା, ଓଡ଼ିଆ ସାହିତ୍ୟର ବିକାଶୀକରଣ ନିମନ୍ତେ ଚେଷ୍ଟିତ ରହିବା ଓ ଓଡ଼ିଆ ହେବାକୁ ନେଇ ଗର୍ବୀତ ରହିବା ଉଚିତ୍ ବୋଲି ଯୁବବର୍ଗଙ୍କୁ ନିଜ ଉଦ୍‌ବୋଧନରେ ବାର୍ତ୍ତା ଦେଇଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ପ୍ରତି ବ୍ୟବହାରିକ ଓଡ଼ିଆ ଭାଷାର ଅପଭ୍ରଂଶ ଓ ଅପମିଶ୍ରଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଅନ୍ୟାନ୍ୟ ରାଜ୍ୟ ନିଜ ମାତୃଭାଷାର ନିଜତ୍ୱକୁ ବଜାୟ ରଖିଥିବା ବେଳେ, ଓଡ଼ିଆ ଭାଷା ନିଜର ଅସ୍ତିତ୍ୱକୁ ସଂପୂର୍ଣ୍ଣ ଭାବେ ପରିପ୍ରକାଶ କରିବାପାଇଁ ବର୍ତ୍ତମାନ ମଧ୍ୟ ସଂଘର୍ଷରତ । ଏହି ଭାଷାର ଅତୀତ ଖୁବ୍ ସୁଦୃଢ଼ । ଏଣୁ ଯୁବପିଢି ନିଜ ଭାଷାର ଯତ୍ନ ନେବାସହ ନିଜକୁ ଓଡ଼ିଆ କହି ଗର୍ବୀତ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟାନ୍ୟ ଅତିଥିମାନେ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ କବି, ସାହିତ୍ୟିକ, ଗାଳ୍ପିକ ଓ ଲେଖକଙ୍କୁ ଅଭିନନ୍ଦନ ଜଣାଇଥିଲେ । ତତ୍‌ସହିତ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସଫଳ ରୂପାୟନ ନେଇ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ଏକ ଚିତ୍ରକଳା ପ୍ରଶିକ୍ଷଣ ଶିବିର ଓ ପ୍ରଦର୍ଶନୀ 'ଅସ୍ମିତା' ଆୟୋଜିତ ହୋଇଛି । ଏଥିରେ ଓଡ଼ିଶାର ବହୁ ସୁନାମଧନ୍ୟ ଚିତ୍ରକର ଯୋଗଦେଇଛନ୍ତି ଓ ତିନିଦିନ ଧରି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ । ପ୍ରଥମ ଦିନର ଆଲୋଚନାଚକ୍ରରେ, ଆଦିବାସୀ ସଂସ୍କୃତି ଓ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ବିଶ୍ୱ ଦୃଷ୍ଟିରେ ଓଡ଼ିଆ ନାମକ ତିନୋଟି ପ୍ରସଙ୍ଗରେ ଆଲୋକପାତ କରାଯାଇଥିଲା । ଏଥିରେ ବରେଣ୍ୟ ଆଲୋଚକ ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ଼କ୍ଟର ପରମାନନ୍ଦ ପଟେଲ, ଡ଼କ୍ଟର ରାଜେନ୍ଦ୍ର ପାଢ଼ୀ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ନାରାୟଣ ସାହୁ, ଅସିତ ମହାନ୍ତି, ପ୍ରଫେସର ସୁବାସ ଚନ୍ଦ୍ର ଦାଶ ପ୍ରମୁଖଙ୍କ ସହ ଧୀରେନ୍ଦ୍ର କର (ଆମେରିକା), ପ୍ରଫେସର ସଦାନନ୍ଦ ଦାସ (ଜର୍ମାନୀ), ପ୍ରଶାନ୍ତ କୁମାର ଭୂୟାଁ (କାନାଡା), ଡ଼କ୍ଟର ଶୀତଳ କୁମାର ପାଳବାବୁ (ମ୍ୟାନମାର, ବ୍ରହ୍ମଦେଶ) ଓ ଡ଼କ୍ଟର ପ୍ରଭାତୀ ପାଣିଗ୍ରାହୀ (ଅଷ୍ଟ୍ରେଲିଆ)ରୁ ଆଭାସୀ ମାଧ୍ୟମରେ ଆଲୋଚନାରେ ଯୋଗଦେଇଥିଲେ । ଏହି ସମ୍ମିଳନୀର ପ୍ରମୁଖ ଆକର୍ଷଣ ଭାବେ ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଓ ଦଶାବତାର ରୂପ ପ୍ରଦର୍ଶନ ସ୍ଥାନ ନେଇଛି । ଶ୍ରୀଜଗନ୍ନାଥ ଧାମ ପୁରୀରୁ ଆସିଥିବା ଭୋଗ ତଥା ଏଥିସହ ପାରମ୍ପରିକ ମିଠା ଓ ପିଠାର ସମ୍ଭାର ଦର୍ଶକମାନଙ୍କ ପାଇଁ ଆନନ୍ଦର କେନ୍ଦ୍ରବିନ୍ଦୁ ହୋଇଛି । ସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ସହଯୋଗ ଓ କାର୍ଯ୍ୟକ୍ରମକୁ ନେଇ ଅସୀମିତ ଉତ୍ସାହ ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର ଓ ଡ଼କ୍ଟର ଜିନା ପ୍ରିୟଙ୍କା ସଞ୍ଚାଳନ କରିଥିବା ବେଳେ, ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ 'ଭଜନ ଶ୍ରୀକ୍ଷେତ୍ର' ପରିବେଷଣ ହୋଇଯାଇଛି ।

## ସେବା ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ ଓ ଲୋଗୋ ଉନ୍ମୋଚିତ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମାନବ ସେବା ହିଁ ମାଧବ ସେବା । 'ଦେବାରେ ଆନନ୍ଦ' ଭଳି ମହତ କାର୍ଯ୍ୟକ୍ରମ ପ୍ରଥମ ସେବା ମହୋତ୍ସବ ବୌଦ୍ଧ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଛି ଏକ ନିଆରା ମହୋତ୍ସବ । ଅସହାୟ ଲୋକଙ୍କୁ ସହାୟତା ହାତ ଓ ଚିକିତ୍ସା ସେବା ଯୋଗାଇ ଦେବା ମହୋତ୍ସବର ହେବ ମୂଳ ଲକ୍ଷ୍ୟ । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ ପକ୍ଷରୁ ବ୍ଲକର ଚାରିଛକ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରଥମ ସେବା ମହୋତ୍ସବ । ମହୋତ୍ସବ ଆସନ୍ତା ୬ ଓ ୭ ତାରିଖ ଦୁଇଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ବେଳେ ସେବା ମହୋତ୍ସବ ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଜିଲ୍ଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭାପତି ସୁବୋଧ ପ୍ରଧାନ, ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର, ଚାରିଛକ ବଜାର କମିଟି, ଗଣେଶ ପୂଜା କମିଟି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଅନ୍ୟପଟେ ସାମ୍ବାଦିକ ମାନଙ୍କ ଏଭଳି ନିଆରା ପ୍ରୟାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ପ୍ରତି ଜିଲ୍ଲାରେ ଏଭଳି ମହୋତ୍ସବ ହେବା ଉଚିତ । ଆଗାମୀ ଦିନରେ ବୌଦ୍ଧ ଜିଲ୍ଲା ଓ ରାଜ୍ୟସ୍ତରୀୟ ମହୋତ୍ସବ ପାଇଁ ସାମ୍ବାଦିକ ଭାଇମାନେ ଉଦ୍ୟମ କରିବା ପାଇଁ ମତ ରଖିଥିବା ବେଳେ ଯାହା ସମ୍ଭବ ଆମେ ସାହାଯ୍ୟ ସହଯୋଗ ପାଇଁ ପ୍ରତିଶୃତି ଦେଇଛନ୍ତି । ଅନ୍ୟପଟେ ଏହି ମହୋତ୍ସବ ସମସ୍ତ ମହୋତ୍ସବ ଠାରୁ ନିଆରା ହୋଇଥିବା ବେଳେ ସେବା ମହୋତ୍ସବରେ ଗୋ ସେବା, ମାଗଣା ସ୍ୱାସ୍ଥ୍ୟ ଶିବିର, ରକ୍ତ ଦାନ ଶିବିର, ଅତି ଗରିବ ଅସହାୟ, ବିକଳାଙ୍ଗ ମାନବଧାରୀ ଦେବତାଙ୍କୁ ଖାଦ୍ୟ ଓ ବସ୍ତ୍ର ଦୁଇଦିନ ଧରି ଯୋଗାଇ ଦିଆଯିବ ଏବଂ ପ୍ରତିବର୍ଷ ସେବା ମହୋତ୍ସବ ଜରିଆରେ ଦୁଃଖୀ ଅସହାୟ ଲୋକମାନଙ୍କୁ ସଂଘ ସହାୟତର ହାତ ବଢ଼ାଇବା ବୋଲି ସଂଘର ସଭାପତି କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୨।୨୦୨୪, ମାଘ ଦି୨୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୬।୨୨।୧୪ ଚନ୍ଦ୍ରୋଦୟ- ରାଘ୧୨।୪୯।୬**

ଅଷ୍ଟମୀ- ସଂଘ ୫।୨୨ ପର୍ଯ୍ୟନ୍ତ । ବିଶାଖା ନକ୍ଷତ୍ର- ଅହୋରାତ୍ର । ତୁଳା ଚନ୍ଦ୍ର - ରାଘ ୧୦।୨ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ରାଘ ୧୦।୨ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ସଂଘ ୫।୨୨ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୭ ଗତେ ଦିଘ ୧୧।୦୭ ପର୍ଯ୍ୟନ୍ତ ରାଘ ୮।୧୦ ଗତେ ଘ ୧୦।୪୩ ମଧ୍ୟେ ।



**ମେଷ:** ଅନିୟମିତ କାର୍ଯ୍ୟ କରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସଫଳ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।



**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ମିଥୁନ:** ପଢ଼ା ଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୂରଣ ହେବ ।



**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇ ଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧ୍ୟାହ୍ନେ ଟେନ୍‌ସନ୍ ଦୂର ହୋଇଯିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବ ପରି ସ୍ଥିର ରହିବ । ପରୋପକାରୀ ହେବେ ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁବାନ୍ଧବ ସହଯୋଗିତାର ମନୋଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁ କାର୍ଯ୍ୟ ସଫଳ ହେବ ।



**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ ହେବେ । ପରିବାରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠ ପଢ଼ାରେ ମନ ଦେବେ । ଦେହ ଭଲ ରହିବ ।



**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।



**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପନ୍ନ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି । ବ୍ୟବସାୟରେ ଲାଭବାନ୍ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।



**ମୀନ:** ସମାଜରେ ଲୋକ ସମ୍ପର୍କ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମୋକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।



## କୃଷ୍ଣାନନ୍ଦପୁର-ସରଳପୁର କେନାଲବନ୍ଧ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତ ଠାରୁ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତ ସରଳପୁର ପର୍ଯ୍ୟନ୍ତ କେନାଲ ବନ୍ଧ ୬ କିଲୋମିଟର ରାସ୍ତାକୁ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ରାସ୍ତାକୁ ଜୋନ୍ ୧ ଜିଲ୍ଲାପରିଷଦ ରଂଜିତା ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ବ୍ୟାରେଜ ଡିଭିଜନ ଅଧୀନରେ ଏହି କେନାଲ ବନ୍ଧଟି ରହିଛି । ବ୍ୟାରେଜ ଡିଭିଜନର ସହକାରୀ ଯନ୍ତ୍ରୀ ଲଲାଟେନ୍ଦୁ ଜେନା ଉପସ୍ଥିତ ରହିଥିଲେ । ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଂଗଠକ ତଥା ସମାଜସେବୀ ହାଜି ଶେଖ କଲ୍ଲୀମୁଲ୍ଲା, ଜୋନ ୧ ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, କ୍ଷୀରୋଦ କୁମାର ବାରିକ, ପ୍ରଭାସ କୁମାର ସାହୁ, ଅଜୟ ଖଟୁଆ, ସମିତିସଭ୍ୟ ସୁବାଷ ବେହେରା, ପ୍ରଶାନ୍ତ ରାଉତ, ପ୍ରଭାସ କୁମାର ବେହେରା, ନିର୍ମଳ ଜେନା, ସମ ସୁଦ୍ଦିନ ସେକ, ନାଏବ ସରପଞ୍ଚ ଗାଲେଖି ସାହୁ, ବିଚିତ୍ରାନନ୍ଦ ସାହୁ, ସଞ୍ଜୟ ମହାରଣା, ବିକାଶ ପଣ୍ଡା, ଶିବ ଶଙ୍କର ସ୍ୱାଇଁ, କନିମୂଳ ପଞ୍ଚାୟତ ସଭାପତି ରାଜେନ୍ଦ୍ର ପ୍ରସାଦ ଦାସ, ରବୀନ୍ଦ୍ର ନାଥ ଖଟୁଆ, ଶେଖ ସଲ୍ଲାଉଦ୍ଦିନ, ରମଜାନ ଅଲ୍ଲୀ, ଆଶିଷ ମହାପାତ୍ର, ସନ୍ତୋଷ ସାହୁଙ୍କ ସମେତ ସ୍ଥାନୀୟ ଜନସାଧାରଣମାନେ ଉପସ୍ଥିତ ରହିଥିଲେ । ଏହି କେନାଲ ବନ୍ଧଟି ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା । ଏହି ରାସ୍ତା ଉପରେ ୫ ପଞ୍ଚାୟତ ସହିତ ହଜାର ହଜାର ଜନସାଧାରଣ ଯାତାୟାତରେ ନିର୍ଭର କରିଥାନ୍ତି । ଦୀର୍ଘଦିନପରେ ଏହି କେନାଲ ବନ୍ଧଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ -୨୦୨୪



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୮ • ୩ ଫେବୃୟାରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-8 • 3rd February 2024, Saturday • Bhubaneswar

Licensed to post without pre-payment of postage No- BN-60/22-24



DSPL-607

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ
ଭାଷା ହିଁ ଭବିଷ୍ୟତ
୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

କରକମଳରେ

**ଶୁଭାରମ୍ଭ**

ଫେବୃଆରୀ ୩ ତାରିଖ, ପୂର୍ବାହ୍ଣ ୧୧ଟା
ଜନତା ମଇଦାନ, ଭୁବନେଶ୍ୱର



## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନାଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ
ଭାଷା ହିଁ ଭବିଷ୍ୟତ

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR : 15001/13/0319/2324

ସମ୍ପାଦକୀୟ

29 YEARS
ସମ୍ବାଦ କଳିକା

# ଦେଶର ଗହମ ଭଣ୍ଡାରରେ ହ୍ରାସ

ସାରା ଦେଶରେ ଥିବା ସରକାରୀ ଗହମ ଭଣ୍ଡାର ୭ ବର୍ଷର ସର୍ବନିମ୍ନ ସ୍ତରକୁ ପହଞ୍ଚିଛି। ଅଧିକାରୀକ ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓ ରାଜ୍ୟ ଏଜେନ୍ସୀଙ୍କ ନିକଟରେ ୧ଜାନୁୟାରୀ ୨୦୨୪ ସୁଦ୍ଧା ଗହମର ମୋଟ ଭଣ୍ଡାର ୧୬୩.୫ ଲକ୍ଷ ଟନ ଥିଲା। ଯାହା ଗତ ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି ଏବେ କୁହାଯାଉଛି। ଏଣୁ ବଜାରରେ ଗହମ ଦର ବୃଦ୍ଧି ସହ ଅଟା ଦର ବଢିବାକୁ ଥିବା ବେଳେ ଥାଳିରେ ରୁଟି ବି ମହଙ୍ଗା ହୋଇପାରେ ବୋଲି ଏବେଠୁ ଆକଳନ କରାଗଲାଣି।

ତେବେ ଏହା ପୂର୍ବରୁ ୨୦୧୭ ମସିହାରେ ସାରା ଦେଶର ଗୋଦାମ ମାନଙ୍କରେ ୧୩୭.୫ଲକ୍ଷ ଟନ ଗହମ ଭଣ୍ଡାରର ରେକର୍ଡ ହୋଇଥିଲା। ତେବେ ଗତ ୭ ବର୍ଷରେ ୨୦୨୧ରେ ସବୁଠୁ ଅଧିକ ଗହମ ଭଣ୍ଡାର ହୋଇଥିଲା। ସେତେବେଳେ ଗହମର ମୋଟ ଷ୍ଟକ୍ ୩୪୨.୯୦ ଲକ୍ଷ ଟନ ଥିଲା। ତେବେ ୨୦୨୨ରେ ଏହା ହ୍ରାସ ହୋଇ ୩୩୦.୧୨ଲକ୍ଷ ଟନ ଓ ୨୦୨୩ରେ ୧୭୧.୩୧ ଲକ୍ଷ ଟନକୁ ହ୍ରାସ ହୋଇଛି। ତେବେ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭରେ ୧୩୮ ଲକ୍ଷ ଟନ୍ ନ୍ୟୁନତମ ବଫରରୁ ଅଧିକ ରହିଛି।

ଭବିଷ୍ୟତର କୌଣସି ପ୍ରକାର ଅଭାବର ମୁକାବିଲା ନିମନ୍ତ ସାମଗ୍ରୀ ମହଜୁଦ କରିବାକୁ ବଫର ଷ୍ଟକ୍ କୁହାଯାଏ। ୩ ମାସର ୧୦୮ଟନ ପରିଚାଳନା ଆବଶ୍ୟକତା ଓ କୌଣସି କ୍ରୟ ନିମନ୍ତେ ଅଭାବ ପୂରଣ ପାଇଁ ୩୦ ଲକ୍ଷ ଟନର ଭଣ୍ଡାର ସୁରକ୍ଷିତ ରଖାଯାଏ। ଏଥିରେ ସରକାରୀ ଗୋଦାମଙ୍କ ତଥ୍ୟ ଅନୁସାରେ ୧ ଜାନୁୟାରୀ ୨୦୨୪ ସୁଦ୍ଧା ଚାଉଳ ଷ୍ଟକ୍ ୫୧୬.୫ ଲକ୍ଷ ଟନ ରହିଛି। ଯାହା ମାନକ ନିମ୍ନତମ ବଫର ୭୬.୧ ଲକ୍ଷ ଟନରୁ ଢେର ଅଧିକ ରହିଛି। ଏଥିରେ ଚାଉଳ ଓ ଗହମର ଭଣ୍ଡାରକୁ ମିଶାଇ ଦେଖିଲେ ଉଭୟ ଷ୍ଟକ୍ ୬୮୦ ଲକ୍ଷ ଟନ ପର୍ଯ୍ୟନ୍ତ ପହଞ୍ଚି ଯାଉଛି, ଯାହା ବଫର ଷ୍ଟକ୍ ୨୧୪.୧ ଲକ୍ଷ ଟନରୁ ତିନିଗୁଣା ଅଧିକ।

ଏବେକା ଗହମ ଷ୍ଟକ୍ ସେତେବେଳେ ହ୍ରାସ ହେଲା ଯେତେବେଳେ ସେପଟେମ୍ବର ୨୦୨୨ରୁ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ଲଗାତାର ୧୫ ମାସ ପର୍ଯ୍ୟନ୍ତ ମୁଦ୍ରାସ୍ପିତି ଦୁଇ ଅଙ୍କରେ ରହିବା ପରେ ଡିସେମ୍ବରରେ ଖୁଚୁରା ଖାଦ୍ୟ ଶସ୍ୟ ଦର ବଢିଥିଲା। ଖାଦ୍ୟ ଶସ୍ୟଦରରେ ବର୍ଷ ପରେ ବର୍ଷ ବୃଦ୍ଧି ହୋଇ ଏବେ ୯.୯୩ ପ୍ରତିଶତରେ ପହଞ୍ଚିଛି । ତେବେ ଭଣ୍ଡାରଣ ହ୍ରାସର ଯାହା ମୁଖ୍ୟ କାରଣ ତାହା ହେଉଛି ଲଗାତାର ୨ ବର୍ଷ ହେଲା ଗହମ ଉତ୍ପାଦନ ହ୍ରାସ ହେବାରେ ଲାଗିଛି। ଏଣୁ ରାଜ୍ୟ ସଞ୍ଚାଳିତ ଏଜେନ୍ସୀଙ୍କୁ ଘରୋଇ ସଂସ୍ଥାଙ୍କୁ ବାଧ ହୋଇ ଅଧିକ ବିକ୍ରି କରିବାକୁ ପଡୁଛି।

ବିଶ୍ୱର ଦ୍ୱିତୀୟ ସର୍ବ ବୃହତ୍ତ ଗହମ ଉତ୍ପାଦକ ଭାରତ ଗତ ବର୍ଷରୁ ରପ୍ତାନୀ ବନ୍ଦ କରିଦେଇଛି। କାରଣ ପାଗ ଉତପ୍ତ ରହିବା ଯୋଗୁ ଗହମ ଉତ୍ପାଦନ ହ୍ରାସ ହୋଇଥିଲା। ଏପରି ସ୍ଥିତିରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ବିଶ୍ୱରେ ଗହମ ଦର ବୃଦ୍ଧିର କାରଣ ପାଲଟିଥିଲା। ତେବେ୨୦୨୩ରେ ଆମେରିକୀୟ ଗହମ ଦର ୩୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଥିଲା। ଭାରତରେ ରପ୍ତାନୀ କଟକଣା ସତ୍ତ୍ୱେ ନିକଟ ଅତୀତରେ ଗହମ ଦର ୨୦ ପ୍ରତିଶତରୁ ଅଧିକ ବଢିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମ୍ବକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)
(କ୍ରମଶଃ)

# ଗୌରୀଶଙ୍କର ଓ 'ଉତ୍କଳ ଦୀପିକା'

ଡକ୍ଟର ବୈଷ୍ଣବ ଚରଣ ସାମଲ



'ଉତ୍କଳ ଦୀପିକା' — ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ, (୧୮୬୬-୧୯୧୫)ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ମନେହୁଏ ଉତ୍କଳଦୀପିକା ହିଁ ଓଡ଼ିଶାର ଅର୍ଦ୍ଧ-ଶତାବ୍ଦୀର ଇତିହାସ। ଏଇ ଇତିହାସ ସେ କାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜନ ଜୀବନରେ ନୂତନ ଜାଗରଣର ଆଦ୍ୟ ଓଁକାର ସୃଷ୍ଟି କରିଥିଲା । ତେଣୁ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଗାୟତ୍ରୀ – ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟର ପ୍ରତିଷ୍ଠାରେ ପାଞ୍ଚଜନ୍ୟ । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଯେପରି ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସଂଗ୍ରାମୀ ଭୂମିକା ନେଇଥିଲା, ବାସ୍ତବିକ ତାହା ବିସ୍ମୟକର । କର୍ମଯୋଗୀ ଗୌରୀଶଙ୍କର ରାୟ ଏହି ପତ୍ରିକା ସଂପାଦନ କରି ଯେଉଁ ନିଭୀର୍କତା ଓ ଜାତୀୟ ମମତାର ପରିଚୟ ଦେଇ ଯାଇଛନ୍ତି ତାହା ବାସ୍ତବିକ ବିସ୍ମୟୋଦୀପକ।

**'ଉତ୍କଳ ଦୀପିକା'ର ଜନ୍ମଜାତକ:**

ନ' ଅଙ୍କ ଦୁର୍ଭିକ୍ଷର ଠିକ୍ ପର ମୁହୂର୍ତ୍ତରୁ 'ଉତ୍କଳ ଦୀପିକା'ର ଜନ୍ମ। ଇତି ପୂର୍ବରୁ ସାଧୁ ସୁନ୍ଦର୍ ଦାସଙ୍କର ହାତ ଲେଖା ପତ୍ରିକା 'କୁଜିବର" (୧୮୩୮), ରେଭେ-ରେଣ୍ଡ ସି ଲେସିଙ୍କ 'ଜ୍ଞାନରୁଣ' (୧୮୪୯), ଉଇଲିୟମ ଲେସିଙ୍କ 'ପ୍ରବୋଧ ଚନ୍ଦ୍ରିକା', (୧୮୫୬) ଖ୍ରୀଷ୍ଟାନ୍ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟିର 'ଅରୁଣୋଦୟ' ୧୮୬୧) ଆଦି କେତୋଟି ପତ୍ରପତ୍ରିକା ପ୍ରକାଶ ପାଇଥିଲେ ହେଁ ଏଗୁଡ଼ିକ ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷାକୁ ପ୍ରକାଶ କରିବାରୁ ସମର୍ଥ ନଥିଲା । ଯଦିଓ 'ପ୍ରବୋଧ ଚନ୍ଦ୍ରିକା' ଥିଲା ଏକ ମାସିକ ସାହିତ୍ୟ ପତ୍ରିକା ଓ ସଙ୍କୀର୍ଣ୍ଣ ଧର୍ମ ପ୍ରଚାର ଏହାର ଲକ୍ଷ୍ୟ ନଥିଲା ତଥାପି ଏହି ପତ୍ରିକା ବେଶୀ ଦିନ ତିଷ୍ଠି ପାରିଲା ନାହିଁ।

ମାତ୍ର ୩ବର୍ଷ ମଧରେ ଏହାର ତିରୋଧାନ ଘଟିଲା । ଇଂରେଜମାନଙ୍କର ଶୋଷଣ ଓ ପୀଡନ, ମିଶନାରୀମାନଙ୍କର ଧର୍ମ ପ୍ରଚାର ଓ ଜଗନ୍ନାଥ ତଥା ସନାତନ ହିନ୍ଦୁଧର୍ମ ଉପରେ ଆକ୍ରମଣ, ଓଡ଼ିଶାର ଅର୍ଥନୀତି ପ୍ରତି ଇଂରେଜ ଶାସନର ଆଘାତ, ଓଡ଼ିଆ ଭାଷା ପ୍ରତି ଅନୁଦାରତା ବଙ୍ଗୀୟ ଶିକ୍ଷିତ ବ୍ୟକ୍ତିଙ୍କର ଓଡ଼ିଶାରେ ପ୍ରଭାବ ବିସ୍ତାର ଓ ବଙ୍ଗ ଭାଷାର ପ୍ରଚଳନ ପାଇଁ ମସୁଧା, ନ'ଅଙ୍କ ଦୁର୍ଭିକ୍ଷର ଭୀଷଣତା ଆଦି କାରଣରୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ନବଜନ୍ମ ହେଲା ।

ପ୍ରାଚୀନ ସାହିତ୍ୟର ପ୍ରଚାର ନିମନ୍ତେ ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କଲେ ଏବଂ ଏହି କମ୍ପାନୀ ପ୍ରତିଷ୍ଠା ପାଇଁ ସେ ବହୁ ବ୍ୟକ୍ତିଙ୍କର ସହଯୋଗ ଲାଭ କଲେ। 'ତିନିଶ ଅଂଶ ବା ସାତ ହଜାର ପାଞ୍ଚଶ ଟଙ୍କା ମୂଳଧନରେ ଏହି ପ୍ରିଣ୍ଟିଂ କମ୍ପାନୀ ଗଠିତ ହୋଇଥିଲା ଏବଂ ଏହି କାର୍ଯ୍ୟ ପରିଚାଳନା ଲାଗି କର୍ମୀ ଗୌରୀଶଙ୍କରଙ୍କୁ କର୍ଣ୍ଣଧାର କରାଯାଇଥିଲା ।" (୧) ପ୍ରଥମେ ଏହି କମ୍ପାନୀର କାର୍ଯ୍ୟ (୧୮୬୫ ମସିହା ଜୁଲାଇ ମାସ ପହିଲାରୁ ଜଗମୋହନ ରାୟଙ୍କ ବୈଠକ ଖାନାରେ ଆରମ୍ଭ ହୋଇଥିଲା । ଭାଗୀରଥୀ ସାଠିଆଙ୍କ ଅକ୍ଷର ଖୋଦେଇ ଦ୍ୱାରା ପଥରପଟା ଉପରେ ଛାପାକାର୍ଯ୍ୟ ପ୍ରଥମେ କରାଯାଇ ପରେ ଛାପାକଳ ଦ୍ୱାରା ଏହିକାର୍ଯ୍ୟ ସଂପାଦନା ହୋଇଥିଲା । କଟକ ପ୍ରିଣ୍ଟିଂ କମ୍ପାନର ଉଦ୍ଯୋଗୀମାନେ ଦେଶର ସମସ୍ତ ଦୁଃଖ ଗୁହାରୀ ଶୁଣାଇବା ପାଇଁ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଲାଗି ମନସ୍ଥ କଲେ । ହଠାତ 'ନଅଙ୍କ'ର ଘୋର ଦୁର୍ଭିକ୍ଷ କରାଳ ମୁଖ ବ୍ୟାଦାନ କରିବାରୁ ଦେଶର ସେଇ ଦୁର୍ଦ୍ଦିନମୟ ଅନ୍ଧକାର ମଧରେ ସେମାନଙ୍କ ଉଦ୍ଯୋଗରେ 'ନବଯୁଗର ଉଷାପ୍ରଭା' ପ୍ରାୟ 'ଦୀପିକା' ଦେଖା ଦେଲା । ଛାପାଖାନା ବସିବାର ପ୍ରାୟ ମାସକ ପରେ ଅଥବା ୧୮୬୬ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବ୍ଦର ଜାନୁଆରୀ ମାସ ପହିଲା ଠାରୁ ତାହାର ଦ୍ୱିତୀୟ ବର୍ଷର ଗଣନା ଆରମ୍ଭ ହୋଇଥିଲା । ପରିଚାଳକା ଗଣ କର୍ତ୍ତୃକ କର୍ମୀ ଗୌରୀଶଙ୍କର ହିଁ ଏହି ପତ୍ରିକାର ଯୋଗ୍ୟ ସଂପାଦକ ନିର୍ବାଚିତ ହୋଇଥିଲେ । ରାଜସେବାର ଆକଟ ମଧରେ ଥାଇ ଏପରି ଏକ ସଂକଟ ସଂକୁଳ ଦେଶସେବାର ଗୁରୁଭାର ବହନ କରିବାକୁ ସମ୍ମତ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶ ହିତୈଷିତାର ପରିଚୟ ଦେଇଅଛନ୍ତି।

ଗୌରୀଶଙ୍କରଙ୍କର ସଂପାଦକତ୍ୱର ବିଶେଷତ୍ୱ ହେଉଛି ଯେ ଆପଣାର ମତକୁ ଧିର ବିଚାର ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବୀ ଜଣାଉଥିଲେ। ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧରେ ତାଙ୍କର ପତ୍ରିକା ଥିଲା ଯଥାର୍ଥ-ରେ ଏକ ମଧସ୍ଥି । ଏହି କାରଣରୁ 'ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ତେଜସ୍ୱୀତା ପ୍ରକାଶ କରିଥିଲେହେଁ ଦୀପିକା ମୁଖପତ୍ର ରୂପେ ରାଜଦ୍ୱାରରେ ଗୃହୀତ ହୋଇଥିଲା।' (୨) ଉତ୍କଳ ବଂଶଧର ମହାରି ମଧ କହନ୍ତି-'୧୮୬୬ ଦୁର୍ଭିକ୍ଷ ବେଳେ ଜନତାର ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନ ଥାନ୍ତା ତେବେ ଆହୁରି ଯେ କେତେ ଲୋକ ମୃତ୍ୟୁବରଣ କରିଥାନ୍ତେ ତାହା କହି ହୋଇ ନଥାନ୍ତା। '(୩) ବାସ୍ତବିକ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଥିଲା ଓଡ଼ିଶାର ଯଥାର୍ଥ ମୁଖପତ୍ର। ନଅଙ୍କ ଦୁର୍ଭିକ୍ଷର କରାଳ ଅବସ୍ଥାର ଠିକ୍ ଅବ୍ୟବହିତ ପରେ ପରେ ଏହାର ଜନ୍ମ ଏବଂ ଓଡ଼ିଶାର ଦୁର୍ଗତି ନିବାରଣ ପାଇଁ ଏହାର ସଂଗ୍ରାମ ଓ ସାଧନା। ତେଣୁ ଏହି ପତ୍ରିକା ଥିଲା ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ଭାଗ୍ୟଲିପି- ସଂଗ୍ରାମୀ ସାଧନାର ମର୍ମବାଣୀ ।

**ନଅଙ୍କ ଦୁର୍ଭିକ୍ଷ ଓ 'ଉତ୍କଳ ଦୀପିକା' :**

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଠିକ୍ ପରବର୍ତ୍ତୀ କାଳରେ 'ଉତ୍କଳ ଦୀପିକା'ର ଜନ୍ମ। ଏହି ପତ୍ରିକା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କଲା ଓ ସରକାରଙ୍କ ଦୃଷ୍ଟି ଦୁର୍ଭିକ୍ଷ ନିରାକରଣ ପାଇଁ ଆକର୍ଷଣ କରିବାକୁ ସମର୍ଥ ହେଲା। ଏକ ପ୍ରାଚୀନ ଐତିହ୍ୟ ସଂପନ୍ନ ଜାତି କିପରି ଦୁର୍ଭିକ୍ଷ କବଳରେ ପଡି ମ୍ରିୟମାଣ ହୋଇ ପଡିଲା ସେ ବିଷୟରେ ଦୀପିକା ପ୍ରାଣସ୍ପର୍ଶୀ ଭାବରେ ବିବରଣୀମାନ ପ୍ରକାଶ କଲା। ଗୋଟିଏ ସଂଖ୍ୟାରେ ଦୀପିକା ଲେଖିଛି : - ଏଥି ମଧରେ ଫସଲ କଟା ହେବାରୁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଚାଉଳ ସୁସାର ରୂପେ ମିଳିଲା ଟଙ୍କାକୁ ସେ ୭ର ଓ କେବେ କେବେ ସେ ୮ର ପ୍ରାପ୍ତ ହେଲା। ମାତ୍ର ଉକ୍ତ ଫସଲ ଅତ୍ୟଳ୍ପ ଥିବାରୁ ଶୀଘ୍ର ତାହା ଶେଷ ହେଲା। କେତେକ ସତର୍କ ଭୂମ୍ୟାଧିକାରୀ ଓ କୃଷିକାରୀ ବ୍ୟତିରେକେ ଅନ୍ୟ କାହାରି ହସ୍ତରେ ଶସ୍ୟ ରହିଲା ନାହିଁ। ବେପାରିମାନେ ନାନା ସ୍ଥାନରୁ ଚାଉଳ ଖୋଜି ଆଣିଲେ ଓ କୌଣସି ସ୍ଥାନରେ କୃଷି ଉତ୍ତମ ରୂପେ ହୋଇ ନ ଥିବାରୁ ଅଳ୍ପ କାଳରେ ସର୍ବତ୍ର ସମାନପର ହୋଇଗଲା ଓ କ୍ରମେ କ୍ରମେ ଦେଶର ଶସ୍ୟ ଯେ ରୂପ ଶେଷ ହେବାକୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ ସେହି ପରିମାଣରେ ଲୋକମାନେ ଅର୍ଥହୀନ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେହିବା ଘର ପରିବାରାଦି ତ୍ୟାଗ କରି ସ୍ଥନାନ୍ତର ହେଲେ କେହିବା ସର୍ବ ତୋଭାବେ ନିରୁପାୟ ହୋଇ ସପରିବାର ମୃତ୍ୟୁ ଦ୍ୱାରା ଦୁଃସହ ଯନ୍ତ୍ରଣାରୁ ମୁକ୍ତିଲାଭ କଲେ ଏବଂ କେହି କାରାଗାରକୁ ଦୁଃଖର ଶାନ୍ତି ନିକେତନ ଜ୍ଞାନକରି ସ୍ୱଭାବତ ସଚ୍ଚରିତ୍ର ଥିଲେ ସୁଦ୍ଧା କେବଳ ସେଠାରେ ବାସ କରିବାର ଉପଯୁକ୍ତ ହେବା ଲାଗି ବଳାତ୍କାରେ ଦଣ୍ଡନୀୟ ଅପରାଧ କଲେ।

ଏହି ରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧା ନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ହେଲା। ଅସଂଖ୍ୟ ପ୍ରାଣୀ ନାଶହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲେ ସୁଦ୍ଧା ଆମ୍ଭର ରକ୍ଷକ ହାକିମ ମାନେ ସେଥିରୁ ଭ୍ରୁକ୍ଷେପ ମାତ୍ର କଲେ ନାହିଁ ତନ୍ଥାଚ ତାହାଙ୍କର ଜ୍ଞାନ ଥିଲା ଯେ ଦେଶରେ ଶସ୍ୟ ଅଛି। କେବଳ ମହାଜନମାନେ ଲାଭାଂଶରୁ ତାହା ଦେଉ ନାହାନ୍ତି। ହାଏ ଯଦ୍ୟପି ହାକିମମାନେ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କରିଥାନ୍ତେ ତେବେ ସେମାନେ କଦାଚ ଏରୂପ ଭ୍ରମରେ ପଡନ୍ତେ ନାହିଁ। ଏ ଦେଶର ଲୋକଙ୍କ ମଧ୍ରୁ ତିନିଭାଗ ଚାଷି ଅଟନ୍ତି ବ୍ୟବସାୟୀ କେବଳ ଏକ ଭାଗ ହୋଇ ପାରନ୍ତି। ଅତଏବ ତିନିଭାଗ ଲୋକ ଯେଉଁଠାରେ ଅନ୍ନଭାବରେ ଦୁଃଖପାନ୍ତି ସେଠାରେ ଶସ୍ୟ ଅଛି ବୋଲି କେଉଁ ଜ୍ଞାନୀ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ କ୍ଷେତ୍ରୋତ୍ପନ ପଦାର୍ଥ ବିନିମୟ ଦ୍ୱାରା ଅନ୍ୟ ଆବଶ୍ୟକ ବ୍ୟୟମାନ ତଳେ ସେଠାରେ କି ଶସ୍ୟର ବଡ଼ ମହାଜନ ରହିପାରେ ଓ ଏପରି ଦେଶରେ ଦୁର୍ଭିକ୍ଷ ପଡିଲେ ତାହାକି ସହଜରେ ସ୍ଥାନୀୟ ଉପାୟ ଦ୍ୱାରା ନିବାରଣ ହୋଇପାରେ କେହି କେବେ ମଫସଲରେ ଧାନ କାହାରିକୁ ବିକ୍ରି କରିବା ସକାଶେ ଦୋକାନ ଘେନି ବସିବାର ଦେଖି ଅଛି ? ଏଥିରୁ କେବଳ ଜଣାଯାଏ ଯେ ମଫସଲରେ ଧାନର ଖରିଦାର ଅତି ଅଳ୍ପ ଅର୍ଥତ ଅଧିକାଂଶ ଲୋକଙ୍କ ଘରେ ଧାନ ଥାଏ। ଯଦ୍ୟପି କେତେକ ଜମିଦାର ଧାନ ରଖିଥା'ନ୍ତି ତାହା କେବଳ ଆସନ୍ତା କୃଷିର ଉଦ୍ୟମ କରିବା ନିମନ୍ତେ ପ୍ରଜାମାନଙ୍କୁ ଦେଢି ଦେଇ ସେମାନଙ୍କର ସୁଯୋଗ କରିଦେବା ନିମନ୍ତେ ସଞ୍ଚୟ କରିଥାନ୍ତି। ସେମାନେ ବ୍ୟବସାୟୀ ନୁହଁନ୍ତି ଏବଂ ଭବିଷ୍ୟତ ଫସଲର ଆଗମନ ଦେଖିଲେ ସହସାଶସ୍ୟ ଛାଡିଦେବାକୁ ସମ୍ମତ ହୁଅନ୍ତି ନାହିଁ ଯଦ୍ୟପ ଏ ସମସ୍ତ କଥା ଅନ୍ତସ୍ଥ ହାକିମମାନେ ପୂର୍ବରୁ ବିବେଚନା କରିଥାନ୍ତେ ତାହ ହେଲେ ଅବଶ୍ୟ ଜାଣି ପାରନ୍ତେ ଯେ ବିଦେଶରୁ ଶଷ୍ୟ ଆନୟନ ବିନା ଲୋକଙ୍କର ରକ୍ଷାର ଉପାୟନ୍ତର ନଥିଲା। ସତ୍ୟ କଦାର ଲୁଚି ରହେ ନାହିଁ। ପରିଶେଷରେ ସେହି କଥା ତାହାଙ୍କର ମନୋନିତ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ପ୍ରାଣୀଙ୍କ ଦୁଃଖ ବିମୋଚନାଥ ଯନ୍ତ୍ର ପରାୟଣ ହେଲା ମାତ୍ର କେତେ କେତେ ମନୁଷ୍ୟ ଜୀବବନ୍ଧ ହେବ। ଉତ୍ତାରୁ ଏ ଜ୍ଞାନର ଉଦୟ ହେଲା ?'' (୪) ଏହି ବିବରଣୀରୁ ଓଡ଼ିଶାରେ ଦୁର୍ଭିକ୍ଷର କରାଳଚିତ୍ର ଦେଖିବାକୁ ମିଳେ। କେବଳ ଏହି ସଂଖ୍ୟା ନୁହେଁ, ଅନ୍ୟାନ୍ୟ ସଂଖ୍ୟା ମାନଙ୍କରୁ ଦୁର୍ଭିକ୍ଷ ସମ୍ପର୍କରେ ନାନା ଲୋମହର୍ଷଣକାରୀ ବିବରଣୀ ସହିତ ଦୁର୍ଭିକ୍ଷ ନିବାରଣ ପାଇଁ ସରକାରଙ୍କ ଉଦ୍ୟମ, ବିଭିନ୍ନ ବଦାନ୍ୟ ଅନୁଷ୍ଠାନ ମାନଙ୍କର ସାହାଯ୍ୟ, ଦୁର୍ଭିକ୍ଷ ସାହାଯ୍ୟ କମିଟି ଆଦି ନାନା ବିଷୟରେ ବିବରଣୀ ମିଳିଥାଏ। ଯେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ହାକିମମାନେ ତତ୍ପରତା ପ୍ରକାଶ କରି ଅଛନ୍ତି ସେତେବେଳେ ମଧ ଯେଉଁ ତ୍ରୁଟି ପରିଲକ୍ଷିତ ହୋଇଅଛି ଦୀପିକା ତାକୁ ସମାଲୋଚନା କରିଅଛି। '' ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ପ୍ରକୃତ ରୂପ ନିର୍ବାହ ହେଉନାହିଁ। ଅସହାୟ ବାଳକ ବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାଏ ତିନିମାସ ହେଲା ସାହାଯ୍ୟ କୁମେଟିଙ୍କ ମନେ ପଡିଥିଲା ତତ୍କାର ସେମାନଙ୍କ ଦୂରବସ୍ଥା ଯେ ଏପର୍ଯ୍ୟନ୍ତ ମୋଚନ ନ ହେଲା ଏଥିରେ ଦୋଷ କାହା ଉପରେ ଦିଆଯାଇ ପାରେ। ସାହାର୍ଯ୍ୟ କୁମେଟି ସୁବିଚାର ପୂର୍ବକ ପ୍ରଥମରୁ ଉଦଯୋଗୀ ହୋଇଥିଲେ ବର୍ତ୍ତମାନ ପିଲାମାନଙ୍କ ପକ୍ଷରେ କୌଣସି ବିଧାନ କରିବାର ଆବଶ୍ୟକ ହୁଅନ୍ତା ନାହିଁ। ସାହାଯ୍ୟ କୁମେଟୀର ମେମ୍ବରମାନେ ଏକ ଜଣ ହିନ୍ଦୁଛଡା ସମସ୍ତେ ଇଂରେଜୀ ଲୋକ ଅଟନ୍ତି। ସେମାନେ ଦେଶର ଅବସ୍ଥା ବିବେଚନା ନ କରି ଆପଣା ଆପଣା ଉତ୍କୃଷ୍ଟ ଗୁଣର ଅଭିମାନରେ ଜଣେ ପାଦ୍ରି ସାହେବଙ୍କୁ ପିଲାଙ୍କର ଭରଣ ପୋଷଣ କର୍ମରେ ନିଯୁକ୍ତି କରିବାରୁ ଲୋକଙ୍କମନେ ଏହି ଭୟ ହେଲା ଯେ, ଯୀଶୁଖ୍ରୀଷ୍ଟଙ୍କ ଦଳ ବୃଦ୍ଧି ନିମନ୍ତେ ଏ ରୂପ ଉପାୟ ହୋଇଅଛି। ଏହି ହେତୁରୁ ଦୁଃଖୀମାନେ ବହୁ କଷ୍ଟ ପାଇଲେ ସୁଦ୍ଧା ଆପଣ / ଆପଣା ଅସ୍ଥି ଚର୍ମବଶିଷ୍ଟ ସନ୍ତ ନମାନଙ୍କୁ ପାଦ୍ରି ସାହେବଙ୍କ ନିକଟକୁ ପଠାଇଲେ ନାହିଁ। ଯଦ୍ୟପୀ କୌଣସି ହିନ୍ଦୁ ହସ୍ତରେ ଉକ୍ତଭାର ଅର୍ପଣ ହୋଇଥାନ୍ତା ତେବେ ବର୍ତ୍ତମାନ ସମୟରେ ଏକ ଜଣ ସୁଦ୍ଧା ଅସହାୟ ବାଳକ ନଗରରେ ଭ୍ରମଣ କରିବାର ଦେଖାଯାନ୍ତା ନାହିଁ ଏବଂ ଅନେକ ଦୁଃଖୀଲୋକ ଆପଣା ସନ୍ତାନମାନଙ୍କୁ କେବଳ କାଳଗ୍ରସ୍ତରୁ ମୁକ୍ତ କରିବା ସକାଶେ ନାମମାତ୍ର ଧନ ଲୋଭରେ କିମ୍ବା ବିନା ମୂଲ୍ୟରେ ବେଶ୍ୟାଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ। ହା, ସହାଯ୍ୟ କୁମେଟୀର ଅମନ ଯୋଗ ହେତୁରୁ କେତେ ନିର୍ଦ୍ଦୋଷୀ ପ୍ରାଣୀ ଭବିଷ୍ୟତରେ ଅତ୍ୟନ୍ତ ଦୁଷିତ କର୍ମଦ୍ୱାରା ଜୀବନ ନିର୍ବାହ କରିବାକୁ ବାଧ ହେଲେ।'' (୫) ୧୮୬୬ ମସିହାର ବିଭିନ୍ନ ସଂଖ୍ୟା ମାନଙ୍କରେ ଦୁର୍ଭିକ୍ଷର କାରଣ ଓ ଦୁର୍ଭିକ୍ଷ ସାହାଯ୍ୟ କମିଟିର କାର୍ଯ୍ୟ କଳାପ ସମ୍ପର୍କରେ ଦୀପିକା ନିର୍ଭୀକ ଭାବରେ ନାନା ବିବରଣୀ ସଂଗ୍ରହ କରିଥିଲେ।

ଉତ୍କଳ ଦୀପିକା ବିଭିନ୍ନ ସଂଖ୍ୟାରେ ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ରକୁ ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରାଯାଇ ତାର ପ୍ରତିକାର ପାଇଁ ମଧ ସୁଚିନ୍ତନ ପରାମର୍ଶ ପ୍ରଦାନ କରାଯାଇଅଛି। କେଉଁ କାରଣରୁ ଦୁର୍ଭିକ୍ଷ ହେଲା ଓ ଏହା ଦ୍ୱାରା କିପରି ଅଗଣିତ ଜନସାଧାରଣ ଖାଦ୍ୟ ଅଭାବରୁ ମୃତ୍ୟୁବରଣ କଲେ ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକା-ରୁହିଁ ଦେଖିବାକୁ ମିଳେ। ସରକାରଙ୍କ ଦୋଷ ତ୍ରୁଟିକୁ ମଧ ଦୀପିକା ଯଥାର୍ଥ, ଭାବରେ ଦେଖାଇ ଦେଇଅଛି। ଦୁର୍ଭିକ୍ଷ ଫଳରେ ଓଡ଼ିଶାର ଅର୍ଥନୀତି କିପରି ଦୋହଲିଗଲା ଓ ଓଡ଼ିଶାର ସାମାଜିକ ଜୀବନରେ ମିଶନାରୀମାନେ କିପରି ଧର୍ମ ପ୍ରଚାର କରିବାର ସୁଯୋଗ ଲାଭ କଲେ ତାର ଚିତ୍ର ମଧ ଦୀପିକା ପୃଷ୍ଠାରୁ ଦେଖିବାକୁ ମିଳେ। ଖ୍ରୀଷ୍ଟିଆନ୍ ପାଦ୍ରିମାନଙ୍କର ଦୁର୍ଭିକ୍ଷ ସାହାଯ୍ୟକୁ ସେତେବେଳେ ଲୋକମାନେ କିପରି ଦେଖୁଥିଲେ ତା'ର ଚିତ୍ର ମଧ ଉତ୍କଳ ଦୀପିକାରେ ଅଛି। 'ପାଦ୍ରି ସମ୍ପ୍ରଦାୟ ଏମାନଙ୍କର ରକ୍ଷଣାବେକ୍ଷଣର ଉପଯୁକ୍ତ ପାତ୍ର ନୁହନ୍ତି କାରଣ ସେ ଯେତେ ଯନ୍ତ୍ର ଓ ସନ୍ତତା ସହିତ ଏ ଗୁରୁତର ଭାର ନିର୍ବାହ କରନ୍ତୁ ଅନ୍ତସ୍ଥ ଲୋକମାନେ ମନେ କରନ୍ତି ଯେ କେବଳ ଖ୍ରୀଷ୍ଟିଆନ୍ ଦଳବୃଦ୍ଧି କରିବା ଲାଗି ସେମାନେ ଏ ଭାର ଗ୍ରହଣ କରିଅଛନ୍ତି ଓ ସରକାର ମଧ ଉକ୍ତ ଧର୍ମ ପ୍ରତି ପକ୍ଷପାତ ଦର୍ଶାଇ ତାହାଙ୍କ ଠାରେ ପିଲାମାନଙ୍କୁ ଅର୍ପଣ କରିଅଛନ୍ତି। ଯେଉଁ ପିଲାମାନେ ନିତାନ୍ତ ଶିଶୁ ସେମାନଙ୍କ କଥା ବିଚାରର ଅନାବଶ୍ୟକ ମାତ୍ର ଯେଉଁ ମାନଙ୍କ ଠାରେ କିଞ୍ଚିତ ଜ୍ଞାନ ହୋଇ ଅଛି ସେମାନେ ସ୍ୱୟଂ ପାଦ୍ରି ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଅନିଚ୍ଛା ପ୍ରକାଶ କରିଅଛନ୍ତି'' (୬)ଅତଏବ ଦୁର୍ଭିକ୍ଷର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା କିପରି ଓଡ଼ିଶାର ସାମାଜିକ ଜୀବନକୁ ଦୋହଲାଇ ଦେଇଥିଲା ତାର ବାସ୍ତବ ଚିତ୍ର ଉତ୍କଳଦୀପିକାରୁ ମିଳିଥାଏ। ବାସ୍ତବରେ ଦୁର୍ଭିକ୍ଷ ସଂପର୍କରେ ସମ୍ବାଦ ପ୍ରକାଶ, ସରକାରଙ୍କ ଦୋଷ ଦୁର୍ବଳତା ସମ୍ବନ୍ଧରେ ବିଚାର, ଖ୍ରୀଷ୍ଟିଆନ ପାଦ୍ରିମାନଙ୍କର ସାହାଯ୍ୟ ଅନ୍ତରାଳରେ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟ, ଦୁର୍ଭିକ୍ଷ ଫଳରେ ସାମାଜିକ ବଂଚିତାର ନୂତନ ପତିତ ସମାଜର ସୃଷ୍ଟି ଆଦି ନାନା କଥାକୁ ଉତ୍କଳ ଦୀପିକା ନିର୍ଭୀକ ଭାବରେ ପ୍ରକାଶ କରି ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ ପକାଇବାକୁ ସମର୍ଥ ହୋଇ ପାରିଥିଲେ। ଏହି କାରଣରୁ କୁହାଯାଇଥାଏ ଯେ ଦୁର୍ଭିକ୍ଷ ପୂର୍ବରୁ ବା ଦୁର୍ଭିକ୍ଷ ସମୟରେ ଯଦି ଉତ୍କଳ ଦୀପିକା ପ୍ରକାଶ ପାଇଥାନ୍ତା ତେବେ ଓଡ଼ିଶାରେ ଦୁର୍ଭିକ୍ଷ ଜନିତ କରାଳ ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ.............

# ଭାଷା ଅତୀତର ଅସ୍ମିତ୍ୱ – ଭାଷା ହିଁ ଭବିଷ୍ୟତ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

ଫେବୃୟାରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହୋଇଛି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଏପରି ସମ୍ମିଳନୀ ପ୍ରଥମ ଥର ପାଇଁ ଆୟୋଜନ ହେଉଅଛି । ଏଥିପାଇଁ ସହର ସାରା ଶୋଭା ପାଉଛି ଓଡିଆ ବର୍ଣ୍ଣବୋଧମାଳା ସହର ସାରା ଅ, ଆ, ଇ, ଈ ଖାଲି ସେତିକି ନୁହେଁ ଆଲୋକମାଳାରେ ଚମକିଲାଣି ପ୍ରଦର୍ଶନୀ ପଡିଆ । ଓଡିଆ ଅସ୍ମିତାର ଜାଗରଣ ଓ ସୁରକ୍ଷା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁଠୁ ବେଶୀ ପ୍ରଶଂସାର ପାତ୍ର । କୁହାଯାଏ ଭାଷାହିଁ ଜାତିର ପରିଚୟ । ଭାଷା ମରିଗଲେ ଜାତି ମରିଯିବ । ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶ ପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ ଜଗା ହେଲା ଓଡିଶା । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା। ଏହାର କର୍ଣ୍ଣଧାର ଥିଲେ ଉତ୍କଳ ଗୌରବ ମଧୁସୁଦନ ଦାସ । ତାଙ୍କ ସହିତ ସାମିଲ ହୋଇଥିଲେ ଉତ୍କଳମଣି ଗୋପବଂଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, କର୍ମବୀର ଗୌରୀଶଙ୍କର ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢଳ ଦେବ, ରାଜା ବୈକୁଣ୍ଠନାଥ ଦେ, କବିବର ରାଧାନାଥ ରାୟ, ନୀଳମଣି ବିଦ୍ୟାରତ୍ନ ଓ ଆହୁରି ଅନେକ ବରପୁତ୍ରମାନେ । ଯାହାର ଫଳସ୍ୱରୂପ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଏଇ ସ୍ୱପ୍ନ ସାକାର ହେଲା। ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି। ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା। ଭାଷାର ପ୍ରସାର ପ୍ରଚାର ତ ଦୂରର କଥା, ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । କେବଳ ସେତିକି ନୁହେଁ, ଆମ ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ,ଗଳ୍ପ ଓ କବିତା କଥା ପଚାରେ କିଏ ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତ ବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ। ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଲଳିତ ପଦାବଳୀର କବି ଜୟଦେବ, କଥା ସମ୍ରାଟ ଫକୀର ମୋହନ, ଭାଗବତ ପ୍ରଣେତା ଜଗନ୍ନାଥ ଦାସ ଓ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ ।

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସଂପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ । ୧୯୫୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଓଡିଆ ଭାଷାକୁ ସରକାରୀ ଭାଷାକରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଂକଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ତତ୍କାଳୀନ ସରକାର ନିଷ୍ପତି ଗ୍ରହଣ କରିଥିଲେ। ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା । କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇ ପାରିଲା ନାହିଁ । ଖୁସିର କଥା ସରକାର "ଓରିଆ କୁ ଓଡିଆ" ଓ "ଓରିଶା କୁ ଓଡିଶା" କରିବାର ଠିକଣା ପଦକ୍ଷେପ ନେଇଛନ୍ତି । ଇତି ମଧ୍ୟରେ ଓଡିଆ ଭାଷା ୬ଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଯେଉଁ ଭାଷାକୁ ଦିନେ ଅନ୍ୟମାନେ ଆଡନଜରରେ ଦେଖୁଥିଲେ ଓ ଓଡିଆ ଭାଷା ଏକ ଭାଷା ନୁହେଁ ବୋଲି କହୁଥିଲେ ସେ ଭାଷା ଆଜି ଜାତୀୟ ସ୍ୱୀକୃତି ଲାଭ କରିଛି । ଇତି ମଧ୍ୟରେ ଏବର ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ଗତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ସେହିବର୍ଷ ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଓଡିଆ ଭାଷାର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସେହିପରି ଓଡିଆ ଭାଷାର ବିକାଶ ପାଇଁ ସତ୍ୟବାଦୀରେ ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓଡିଆ ଭାଷାର ପ୍ରସାର ଓ ପ୍ରଚାର ପାଇଁ ଆଉ ଏକ ପଦକ୍ଷେପ । ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ। ରାଜ୍ୟରେ ଥିବା ଆଦିବାସୀ ମାନଙ୍କର ନିଜସ୍ୱ ଭାଷା ଯଥା: ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରସ୍ଥିତିରେ ଭାଷାର ପ୍ରସାର-ପ୍ରଚାର ତ ଦୁରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମ ପାଇଁ ଅଲୋଡା ହୋଇଯାଇଅଛି । ମହାତ୍ମା ଗାନ୍ଧି କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ୟା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏ କଥା ମୁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ"।

କୁହାଯାଏ ମାତୃଭାଷା ମାଆର ଭାଷା – ପ୍ରାଣର ଭାଷା । ଏହା ସହିତ ନାଡିଗତ ସମ୍ପର୍କ ରହିଛି । ଗୋଟିଏ ଜାତି ଥିଲେ ତାର ଭାଷାଟିଏ ଥାଏ । ଭାଷା ଥିଲେ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ରହିଥାଏ । ଆମ ଓଡିଆ ଭାଷା ସାହିତ୍ୟ ଅତି ପ୍ରାଚୀନ ଓ ବଳିଷ୍ଠ ମଧ୍ୟ । ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏହା ପ୍ରମାଣିତ ହୋଇଛି । ଦିନଥିଲା ଓଡିଆ ଏକ ଭାଷା ନୁହେଁ ବୋଲି ବଙ୍ଗାଳୀମାନେ କହୁଥିଲେ । କିନ୍ତୁ ତାଙ୍କ ଭାଷା ଏପର୍ଯ୍ୟନ୍ତ ଶାସ୍ତ୍ରୀୟ ମାନ୍ୟତା ପାଇନାହିଁ । ଏହା ଆମ ଅସ୍ମିତାର ପ୍ରତୀକ । ସଂପ୍ରତିକ ସମୟରେ ବହୁଭାଷୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ୟୁନେସ୍କୋ ତରଫରୁ ପ୍ରତିବର୍ଷ ୨୦୨୦ରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଆସୁଅଛି ଓ ବହୁଭାଷୀ ଶିକ୍ଷାରେ ଦକ୍ଷତା ହାସଲ କରିବାକୁ କୁହାଯାଇଛି । ଏହାହିଁ ସମୟର ଆହ୍ୱାନ। କିନ୍ତୁ ଆମକୁ ପ୍ରଥମେ ଆମ ମାତୃଭାଷା ଶିଖିବାକୁ ହେବ, ଠିକ ଭାବରେ ଲେଖିବାକୁ ହେବ ଏବଂ ମାତୃଭାଷାରେ ଲିଖିତ ପୁସ୍ତକ ଅଧ୍ୟୟନ କରି ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଚିହ୍ନିବାକୁ ହେବ। ତାହାଲେ ଯାଇ ଆମେ ସଗର୍ବେ କହି ପାରିବା "ଓଡିଆ" ବୋଲି ଭକ୍ତକବିଙ୍କ ଭାଷାରେ – ମାତୃଭୂମି ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ ଏହି ଲେଖାର ପ୍ରାସଙ୍ଗିକତା ଏବେବି ରହିଛି । ଯେଉଁ ଦେଶର ମାତୃଭାଷା ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ । ଏ କ୍ଷେତ୍ରରେ ଚୀନ, ଜାପାନ, ଜର୍ମାନୀ, ସିଙ୍ଗାପୁର ଭଳି ଦେଶର ଉଦାହରଣ ନିଆଯାଇପାରେ । ପ୍ରଥମ ବିଶ୍ୱ ଓଡିଆ ସମ୍ମିଳନୀରେ ପାଞ୍ଚଟି କକ୍ଷ ପ୍ରସ୍ତୁତ କରାଯାଇଛି । ସେଗୁଡିକ ହେଲା ଆଦିକବି ସାରଳା ଦାସ କକ୍ଷ, ଅତିବଡି ଜଗନ୍ନାଥ ଦାସ କକ୍ଷ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କକ୍ଷ, ବ୍ୟାସକବି ଫକୀର ମୋହନ କକ୍ଷ ଓ ପ୍ରକୃତି କବି ଗଙ୍ଗାଧର ମେହେର କକ୍ଷ । ସମ୍ମିଳନୀରେ ଏହି ବରପୁତ୍ରମାନଙ୍କ ସୃଷ୍ଟି ସମ୍ଭାର ଉପରେ ଆଲୋଚନା କରାଯିବ ଯାହା ଆମ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିବ । ଏହି ଭାଷା ସମ୍ମିଳନୀ ଆମକୁ ମାତୃଭାଷା ମନସ୍କ କରୁ ଆମ ଭିତରେ ନବଜାଗରଣ ଆଣୁ ଓ ଆମ ଅସ୍ମିତାକୁ ଜାଗ୍ରତ କରୁ ଏହାହିଁ ଆଶା କରିବା । କାରଣ ଏକ ସଭ୍ୟ ସମାଜ ଗଠନରେ ମାତୃଭାଷାର ବଡ ଯୋଗଦାନ ରହିଛି । ଏକଥା ଆମକୁ ମନେ ରଖିବାକୁ ହେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ସପ୍ତାହାନ୍ତ ସାହିତ୍ୟ

30 YEARS
ସମ୍ବାଦ କଳିକା

ଭୁବନେଶ୍ୱର, ୩ ଫେବୃୟାରୀ ୨୦୨୪ ଶନିବାର


## ଆଲୋକର ଧାରେ...


ବିଜୟଲକ୍ଷ୍ମୀ ପାଣିଗ୍ରାହି






ଚେତନାର ପାରିଜାତ କୁଞ୍ଜେ
ପ୍ରଜ୍ଞାବତୀ ଆଶାଟିଏ ଜାଳିଲେ
ବିଚ୍ଛୁରିଯାଆନ୍ତି ମଞ୍ଜୁଳ ସ୍ୱପ୍ନକିଛି
ନଇ ଛାତିରେ ଲାଗେ ନିଆଁ
ପ୍ରତି ହସର କାହାଣୀ
ଆଉ ନିତି ଲୁହର କିମ୍ବଦନ୍ତୀ
ଲହଡିମାରେ ଓଠ ଉପକୂଳେ

ଯେଉଁଠି ସକାଳ ବିଛେଇ ଦିଏ ତା' ପଣତ
ପକ୍ଷୀର କାକଳୀ ପାଇଁ
ସେଇଠି ଅନ୍ଧାରରେ ରହିବାକୁ
ଭଲପାଉଥିବା ପୁଳେ ଦୁଃଖର ବା
ଆଉ କେତେ ଧୈର୍ଯ୍ୟ ?
ସେଥିପାଇଁ ନିୟତିର ନଇଟିଏ
ନିଇତି ଗଢୁଥାଏ ବାଲିଘର

କାହାର ଶୈଶବ ପାଇଁ
ଯୌବନର ଇନ୍ଦୁ ମ୍ଳାନ ପଡିଲେ ବି
ହୃଦୟରେ ସଞ୍ଚୁଥାଏ ଅସରନ୍ତି ଶୋଷ
ବୟସ କୁସୁମ ଫିକା ପଡିଲା ପରେ
ପଦ୍ମ ଆର ପରିଭାଷାରେ
ମନ୍ତ୍ର ଉଚ୍ଚାରୁ ଥାଏ
ଅସ୍ତ ସୂର୍ଯ୍ୟର କିରଣ

ସବୁକିଛି ଜାହିର କରୁଥାନ୍ତି ଅସ୍ତିତ୍ୱ
ମରଣ ତ ବିରାମ ମାତ୍ର
ଜୀବନ ପଥରେ
ରୀତିମତ ଚାଲିଥାଏ ଅନୁଭବର ଚାଷ
ଆଲୋକର ଧାରେ ଧାରେ ଦୃଶ୍ୟମାନ
ଯେତେ କର୍ମଫଳ
ପ୍ରଶସ୍ତ ଦିଗବଳୟ ଛାତିରେ....


ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


## ଜୀବନ ଚିତ୍ର


ଡ.ମନୋରଞ୍ଜନ ବିଷୋୟୀ


ଅପାସୋରା
କଥା ସବୁ
ଅକୁହା ରହି
ଫସିଲ ପାଲଟିଯିବା
କ'ଣ ଜୀବନ... ?

ନା' ଅନ୍ୟକୁ
ଆତ୍ମୀୟତାରେ
ଆବୋରି ନେଲାବେଳେ
ତୀକ୍ଷ୍ଣ ଅସ୍ତ୍ରରେ
ଖିନ୍‌ଭିନ୍ ହେବା
ଜୀବନ... ?

ତେବେ କ'ଣ
ଯନ୍ତ୍ରଣାର ମେଘନାଦ
ପାଚେରି ଡେଇଁବା
ଆଶା ନେଇ
ପ୍ରତି ମୁହୂର୍ତ୍ତରେ
ଲହୁଲୁହାଣ ହେବା
ଜୀବନ... ?

ନା' କ୍ଷଣେ ଅଛି ତ
ଅନ୍ୟ କ୍ଷଣରେ
ପାଣି ଫୋଟକା ଭଳି
ଅଚିରେ ହଜିଯିବା
ଜୀବନ... ?

ତଥାପି
ନା' ମୋହ ଭାଙ୍ଗେ
ନା' ଭାଙ୍ଗେ
ବଞ୍ଚିବାର ଆଶା
ଗଜରୁଥିବା
ଏହି ଆଶା ହିଁ
କ'ଣ ଜୀବନ... ?


ଦାମୋଦରପୁର, ଗଂଜାମ
ଫୋନ୍: ୮୮୯୫୧୪୧୭୨୭


## କନ୍ୟା ଦିବସର ଅନୁଚିନ୍ତା




ପଦ୍ମାଳୟା ପାତ୍ରୀ


ଝିଅ ଜୋଇଁଙ୍କୁ ଦାଣ୍ଡ ଦୁଆରେ ଦେଖି ପରେଶ ବାବୁ ହତବାକ୍ ହୋଇ ଯାଇଥିଲେ । କିନ୍ତୁ ନିଜକୁ ସମ୍ଭାଳି ନେଇ ପାଛୋଟି ଆଣିଲା ବେଳକୁ ଝିଅ ଆସି ଘର ଭିତରେ । ପରେଶ ବାବୁ ଭାବିଲେ ଯାହା ହେଉ ଝିଅ ଶେଷରେ ବାପାକୁ ଏକୁଟିଆ ଦେଖି ସମ୍ଭାଳି ପାରିଲାନି ଆସିଗଲା । ମାତ୍ର ଝିଅ ପରେଶ ବାବୁଙ୍କୁ ପାଖ ଚେୟାରରେ ବସାଇ ଦେଇ ବାପାଙ୍କ ହାତରେ ମିଠାଟିଏ ଧରାଇ ଦେଇ କହିଲା- ବାପା ଏଇଟା ମୋତେ ଖୁଆଇ ଦିଅ ତୁମ ଜୋଇଁ ଫୋଟୋ ଉଠାଇବେ ।

ପରେଶ ବାବୁ ବୁଝି ପାରୁନଥିଲେ ଝିଅ ତାଙ୍କ ହାତରୁ ମିଠା କାହିଁକି ଖାଇବାକୁ ଚାହୁଁଛି । ସେ ଯାହା ହେଉ ମିଠାଟି ଝିଅର ପାଟିରେ ଦେବା ଅବସ୍ଥାରେ ଜୋଇଁ ଫୋଟୋ ଉଠାଇ ସାରି ମୋବାଇଲକୁ ପକେଟରେ ରଖିଲେ ।

ଏବେ ଯାଇ ଝିଅ ଟିକେ ଥୟ ହେଇ କହିଲା ବାପା ତୁମେ କଣ ଜାଣିନ କି ଆଜି ପରା କନ୍ୟା ଦିବସ । ତୁମେ ସେ ପୁରୁଣା କାଳିଆ ଲୋକ ହୋଇ ରହିଗଲ ନାଁ । କେତେ କହିଲେ ବି ବଦଳିବ ନାହିଁ । ସେଥିପାଇଁ ତୁମ ଜୋଇଁଙ୍କ ଆଗରେ ମୋତେ କେତେ ଲୋକହସା ହେବାକୁ ପଡୁଛି ତୁମେ କଣ ଜାଣିବ ?

ପରେଶ ବାବୁ କେମିତି ବୁଝାଇବେ ଯେ ତାଙ୍କର ଆଣ୍ଠୁ ଗଣ୍ଠି ବାତ ଧୀରେ ଧୀରେ ତାଙ୍କର ଚଲା ବୁଲା ବନ୍ଦ କରିବାକୁ ବସିଲାଣି । ଏଣେ ପତ୍ନୀଙ୍କ ମୃତ୍ୟୁର ପାଞ୍ଚ ବର୍ଷ ପରେ ମଧ ସେ କାହିଁକି ବଞ୍ଚି ରହିଛନ୍ତି ସେଟା ବୁଝି ପାରୁନାହାନ୍ତି । ତାଙ୍କର ସବୁ ଦିନ ନର୍କ ଯନ୍ତ୍ରଣା । କେଉଁ ଦିନ କେଉଁ ଦିବସ ଜାଣିବାକୁ ବେଳ କାହିଁ ?

ଇତି ମଧ୍ୟରେ ଝିଅ ଘର ଭିତରେ ଆଖି ବୁଲାଇ ଆଣି ସାରିଲାଣି କାଳେ ବାପା କିଛି ଜିନିଷ ଆଣି ରଖିଥିବେ । ଆଜି କନ୍ୟା ଦିବସରେ ମାଗିଲେ ମିଳିଯିବ । ଅବଶ୍ୟ ଏଥିରେ ଜୋଇଁଙ୍କର ଅବଦାନ ରହିଛି । ଜୋଇଁଙ୍କ ଇଙ୍ଗିତ ଥିଲା କିଛି ମାଗିବା ପାଇଁ । କିନ୍ତୁ ଖାଲି ଘର ଦେଖି ମାଗିବାକୁ କୁଣ୍ଠା ବୋଧହୁଏ କରି ସାଙ୍ଗେ ସାଙ୍ଗେ ଯିବାକୁ ବାହାରିଲା । ପରେଶ ବାବୁ ମଧ ଅଟକାଇଲେ ନାହିଁ । ହଁ ଯିବା ଆଗରୁ ଝିଅ ପରେଶ ବାବୁଙ୍କ ପାଦ ଛୁଇଁବାକୁ କିନ୍ତୁ ଭୁଲି ନଥିଲା ।

ପତ୍ନୀ ବଞ୍ଚି ଥିଲା ବେଳେ ଝିଅ ତାର ଏକ ମାତ୍ର ପୁଅକୁ ନେଇ ଜୋଇଁଙ୍କ ସାଙ୍ଗରେ ଆସୁଥିଲା ଏବଂ ମା'ଙ୍କ ହାତ ତିଆରି ଖାଇବା ଜିନିଷ ସହିତ ତାଙ୍କର ପୁରୁଣା ଶାଢ଼ି ମଧ ଗୋଟିଏ ଗୋଟିଏ କରି ନେଉଥିଲା । ଯାହା କାମବାଲୀକୁ ଦେବାପାଇଁ ଦରକାର ହେଉଥିଲା ଓ କିଣିବାକୁ ପଡୁନଥିଲା । ଏବେ ଖାଲି ଘରଟିରେ ନେବା ପାଇଁ କିଛି ନାହିଁ । ପରେଶ ବାବୁ ଗୋଟିଏ ପ୍ରାଇଭେଟ ସଂସ୍ଥାରେ କିରାଣୀ ଥିଲେ । ଝିଅକୁ ପଢାଇବା ପାଇଁ ପୈତୃକ ଜମି ବିକ୍ରି କରିଦେଇଥିଲେ । ଝିଅ ବ୍ୟାଙ୍କ ପିଓ ପାଇ ତାର ଜଣେ ବ୍ୟାଚ୍‌ମେଟ୍‌କୁ ବିବାହ କରିଥିଲା । କେବେବି ପରେଶ ବାବୁ ଝିଅକୁ କୌଣସି କଥାରେ ବାରଣ କରିନାହାନ୍ତି । ହେଲେ ଏବେ ପରେଶ ବାବୁ ଧୀରେ ଧୀରେ ଅକର୍ମଣ୍ୟ ହୋଇ ଆସିଲେଣି । ହାତ ପାଆନ୍ତାକୁ ଜିନିଷ ଲୋଡ଼ା । ପଡୋଶୀ ଘରର ଲେଖା ଯୋଖା ପୁତୁରା ବୋହୂ ଦିନକୁ ଦୁଇ ବେଳା ରୋଷେଇ କରି ଆଣି ଦେଉଛି ବୋଲି ଗାଡି ଚାଲିଛି ।

ଝିଅ ପାଖେ ରହିବାକୁ ପରେଶ ବାବୁଙ୍କ ବହୁତ ଇଚ୍ଛା । କିନ୍ତୁ ସେଦିନର ଘଟଣା ପରେ ଆଉ କେବେବି ଝିଅ ପାଖକୁ ଯିବାକୁ ମନ କରିନାହାନ୍ତି । ପରେଶ ବାବୁ ଆଣ୍ଠୁ ଗଣ୍ଠି ବାତ ଯୋଗୁଁ ଝିଅ ପାଖକୁ ସେଦିନ ସହର ଯାଇଥିଲେ । ଇଚ୍ଛା ଥିଲା ଭଲ ଡାକ୍ତରକୁ ଦେଖାଇବେ । ଆଉ ଏକ ଗୋପନୀୟ ଇଚ୍ଛା ମଧ ଥିଲା ଯାହା ସେ ଝିଅକୁ ଶେଷ ପର୍ଯ୍ୟନ୍ତ କହିପାରିନଥିଲେ ସେ ଚାହୁଁଥିଲେ ଝିଅ ପାଖରେ କେତେ ଦିନ ରହିଯିବେ । ଝିଅ ଘରେ ଚାକର ବାକର ଭର୍ତି । ହାତ ପାଖକୁ ଖାଇବା ପିଇବା ଆସିଯିବ । ଆଣ୍ଠୁ ଗଣ୍ଠି ବାତ ତାଙ୍କୁ ଏତେ ସରି କଲାଣି ଯେ ସେ ଆଉ ପାରୁନାହାନ୍ତି ।

ହେଲେ ଝିଅ ଡାକ୍ତରଙ୍କୁ ପଚାରି ଓଷଦ ଆଣି ସାରି କହିଲା- ବାପା ତୁମ ପାଇଁ ଛ ମାସର ଓଷଦ ଆଣି ଦେଇଛି । କାଲି ତୁମେ ନିଶ୍ଚିନ୍ତରେ ଗାଁକୁ ଯାଇପାରିବ । ପରେଶ ବାବୁଙ୍କୁ ଝିଅର କାଲିଟା ଭୀଷଣ ଆଘାତ ଦେଇଥିଲା । ସେ କାଲି ଆଉ ଆସିନଥିଲା ଏବଂ ପରେଶ ବାବୁ ଗାଁ ଘର ଛାଡି ଆସିଛନ୍ତି ଚୋର ପଶି ଯିବ କହି ସେଇ ଦିନ ହିଁ ଗାଁକୁ ଫେରି ଆସିଥିଲେ ।

ସେହି ଝିଅ ଆଜି ଫୋଟୋ ଉଠାଇ ଲୋକଙ୍କୁ ଦେଖାଇବା ପାଇଁ ତତ୍ପର ଯେ ତା ଜନ୍ମିତ ପିତାଙ୍କୁ ସେ କେତେ ଭଲ ପାଏ । ଯଦି ସାରା ଦୁନିଆ ମିଛରେ ଚାଲିଛି, ପ୍ରତି ପଦେ ପଦେ ଧୋକା, ମଣିଷ ମାନଙ୍କ ଭିତରେ ରକ୍ତର ସମ୍ପର୍କ ହିଁ ନାହିଁ । କେବଳ ମତଲବର ସମ୍ପର୍କ । ତେବେ ସତ ବାପା ମା'ଙ୍କ ସହିତ ଫୋଟୋ ଉଠାଇବା କ'ଣ ଦରକାର ? ଭଡାରେ ଆଉ କାହାକୁ ବାପା ମା' ବୋଲି ଆଣି ବସାଇ ଦେଲେ କ'ଣ ଚଳନ୍ତା ନାହିଁ ?

ପରେଶ ବାବୁ ଅନ୍ୟମନସ୍କ ହୋଇଯାଉଥିଲେ । ହଠାତ୍ ସେ ଉଠି ଠିଆ ହେଲେ ଏବଂ ପଡିଶା ଘର ପୁତୁରା ଘରକୁ ଗଲେ । ପୁତୁରା ନଥିଲା । ପୁତୁରା ବୋହୂ ଥିଲା । ପରେଶ ବାବୁଙ୍କୁ ସକାଳୁ ଦେଖି ଅବୁଝା ଆଖିରେ ଚାହିଁ ରହିଲା । ପରେଶ ବାବୁ ଜନ୍ମରୁ ଅନାଥ ପୁତୁରା ବୋହୂକୁ ଡାକିଲେ ମା' ଟିକେ ତୋ ମୋବାଇଲଟା ଆଣିଲୁ । ଆଜି ପରା କ'ଣ କନ୍ୟା ଦିବସ । ବାପା ସହିତ ଗୋଟିଏ ଫୋଟ ଉଠାଇବୁ ନାହିଁ ? ଆଜି ଠାରୁ ତୁ ଅନାଥ ନୁହଁ । ତୋ ବାପା ବଞ୍ଚିଛି । ପୁତୁରା ବୋହୂଟି ଅଶ୍ରୁ ସମ୍ବରଣ କରିପାରିନଥିଲା ।


ପୋଷ୍ଟାଲ ଆସିଷ୍ଟାଣ୍ଟ, ବ୍ରହ୍ମପୁର
ଫୋନ:- ୯୪୩୭୩୭୫୫୦୧


## ସ୍ତ୍ରୀ ଲୋକ


ସଂଯୁକ୍ତା ଦାଶ




କରି ଚାଲିଥାଏ ସେ
ସକାଳୁ ସଞ୍ଜ ସଞ୍ଜରୁ ଅଧରାତି
ଚାରି କାନ୍ଥ ଭିତରେ
ସମୟ ନିର୍ଘଣ୍ଟ କିଛି ନଥାଏ
କାମର ବି କିଛି ନିର୍ଦ୍ଦିଷ୍ଟ ଶ୍ରେଣୀ ବିଭାଗ ନଥାଏ
ସେଥିପାଇଁ ତ ସ୍କୁଲ କଲେଜ ଅଫିସ ସବୁର ଉପସ୍ଥାନ
ଖୁବ ନିୟମିତ ଆଉ ସମୟାନୁବର୍ତ୍ତି ହୁଏ !
କେହି ଜାଣନ୍ତିନି ଦିନ ଶେଷରେ
ପ୍ରତିଟି ପୂର୍ଣ୍ଣାଙ୍ଗ କାର୍ଯ୍ୟରେ
ତାର କେତେ କ୍ଳାନ୍ତି କେତେ ବିଶ୍ରାମ ବିରତି
ମିଶି ରହିଥାଏ
ଭାତଥାଳି ପାଖରେ ପାଣି ଗ୍ଲାସ
ଖବର କାଗଜ ସାଙ୍ଗରେ ଚା କପ
ପରୀକ୍ଷା ଦିନ ଶୁଭ କଳସ
ଇଣ୍ଟରଭିଉ ଦିନ ମାନସିକ
ଅତିଥି ଆସିବା ଆଗରୁ
ଗରମ ହାତ ତିଆରି ବରା ଆଳୁଦମ
ଶୀତ ଦିନେ ବଡି ଖରା ଦିନେ ଆଚାର
ଜନ୍ମଦିନରେ ପିଠା ଖିରି
ଶ୍ରାଦ୍ଧରେ ବେସର ଖେଚେଡ଼ି
ଆଦିର ସ୍ୱୟଂଚାଳିତ ବ୍ୟବସ୍ଥା ସହିତ ଅଭ୍ୟସ୍ତ ମଣିଷମାନେ
କାହିଁକି ଜାଣିବେ ଶ୍ରମ ସ୍ୱେଦ ସମୟ ଅବସରର
ଲମ୍ବା ଇସ୍ତାହାର
ନିଃଶବ୍ଦ ନିର୍ବିକାର ନିସର୍ତ୍ତ ପ୍ରତିବଦ୍ଧତା କେବେ
ଅପେକ୍ଷା କରିନି କିଛି ପ୍ରମାଣପତ୍ର
ତା ଶକ୍ତି କି ସାମର୍ଥ୍ୟର

ହଠାତ ସ୍ନାୟୁ ସଙ୍କୋଚନ ହୋଇ
ସେ ଦିନେ ସକାଳେ ଛିଡା ହୋଇପାରେନି
ସେତେବେଳେ ତା କାର୍ଯ୍ୟ କଳାପର ଦୈର୍ଘ୍ୟ ପ୍ରସ୍ଥ ସବୁ
ଡାକ୍ତରଙ୍କ ଆଗରେ ସ୍ପଷ୍ଟ ଭାବରେ ଖୋଲିଯାଏ
'ସେ ଘଣ୍ଟା ଘଣ୍ଟା ଠାକୁର ପୂଜା କରନ୍ତି
ଦିନ ଦିନ ଧରି ନିର୍ଜ୍ଜଳା ଉପବାସ କରନ୍ତି
ଖାଇବା ଶୋଇବା କିଛି ଠିକଣା ନାହିଁ
କିଛି କାହା କଥା ଶୁଣନ୍ତିନି
ଭାରି ଜିଦ ଖୋର୍.. ଦିନ ସରିଯାଏ କାମ ସରେନି ତାଙ୍କର'

ଏମଆରଆଇ ସ୍କାନର ଭିତରକୁ
ଯନ୍ତ୍ରଚାଳିତ ଶରୀର ତାର ଆଗେଇ ଯାଉଥିବାବେଳେ
ନୀରବରେ ସେ ନିଜକୁ ପ୍ରଶ୍ନ କରୁଥାଏ
ସତରେ କ'ଣ ଷାଠିଏ ବର୍ଷ ଧରି ସେ
ଅଯଥା ନିଜକୁ ନଷ୍ଟ କରି
ଅଦରକାରୀ କାମ ଗୁଡାଏ କରୁଥିଲା ?


ଗଜପତି ନଗର, ଭୁବନେଶ୍ୱର




## ବୁଝି ପାରୁନି ତୁମକୁ


ପ୍ରଭୁକଲ୍ୟାଣ ମହାପାତ୍ର




ମୁଁ ଜାଣେନା ତୁମେ ମୋତେ
କେତେ ଭଲ ପାଅ,
ଜାଣେନା ବି ମୋତେ ତୁମେ
ଭଲ ପାଅ କି ନପାଅ ।

ତଥାପି ପାଉଛି ଭଲ
(ତୁମକୁ) ଅତି ନିବିଡ଼ ଭାବରେ,
ଯା'ର ଗଭୀରତା ମାପିବା
ମୋର ସାମର୍ଥ୍ୟ ବାହାରେ ।

(ତେବେ) ଏତିକି ମୁଁ କହିପାରେ -
ତୁମ କଥା ଭାବୁ ଥାଏ
ଦିନ ଓ ରାତିରେ,
ଇଚ୍ଛା ହୁଏ ଭିଜିବାକୁ
ତୁମରି ସ୍ମୃତିରେ ।

ଲଭିବାକୁ ଚାହେଁ ତୁମକୁ
ମୋ ହୃଦୟ ଭିତରେ
ମଜିବାକୁ ମନ ବଳାଏ
ତୁମ ବିମଳ ପ୍ରେମରେ ।

(ତୁମ) ରହସ୍ୟ ଭେଦି ପାରୁନି
ଏଇ ଅତଳ ସାଗରେ,
ବୁଝି ପାରୁନି ତୁମକୁ
ଜନ୍ମ ଜନ୍ମାନ୍ତରେ ।


ମୋ- ୯୯୩୭୭୧୧୩୮୯


## ଗଇଁ ଗଲେ ଶଳାର୍ କନିଆଁ ଖୁଜି


ଗୁରୁପ୍ରସାଦ ସରକାର




ଗଇଁଗୋ ମୋର୍ ବହେନ୍ କେ ବିହାହେଇ ତମେ ମଜାନେ ଅଛ
ତମର ଗୁଟେ ବଲି ଶଲା ମୁଇଁ ମୋର ବିହା କଥା କେଭେ ଭାବିଚ ? (୧)
କେନ୍ତା କନିଆଁ ତୋର୍ ପସନ୍ଦ୍ ବାବୁ କହି ଦେଖ୍ ଥରେ ମତେ
କାଲକେ ଯିମି ତୋର କନିଆଁ ଖୁଜି ଜବାବ୍ ଦଉଁଚେ ତତେ । (୨)
ବୟେଲା ସେ ଭୁସ୍କି ନାଇଁ, ପତଲୀ ନାଇଁ, ଗେଡ଼ୀ ନାଇଁ, ଡେଙ୍ଗୀ ନାଇଁ,
ମୋର ବହେନ୍ ମେତାନ୍ ସୁନ୍ଦ୍ରୀ ଟୁକେଲ୍‌କେ ବିହାହେମି ମୁଇଁ । (୩)
କନିଆଁ କେ ଧରି ସାଙ୍ଗେ ଗଇଁ ଗଲେ ଖୁଜି ଶଲାର କନିଆଁ
ହେନ୍ତା ଟୁକେଲ ନାଇଁ ମିଲ୍‌ଲା ଫିରି ଆସ୍‌ଲେ ବନି ଭକୁଆ । (୪)
ବୟେଲା ଶଲା ଜାନିଥିଲି ମୁଇଁ ତୁମେ ଇକାମ ପାରବ ନାଇଁ
ନିଜର୍ କନିଆଁ ଖୁଜି ବିହାହେଲି ......... ସିନ୍ଦୁର ଦେଇ । (୫)
ଗଇଁ ବୟେଲେ ଦେଖା ଜଲ୍‌ଦି ତୋର କନିଆଁ ଲୁକିଚେ କାହିଁ
ତମ୍‌କୁ ଲାଜ୍ କରୁଚେ ଘରର କୁନେ ବସିଚେ ଯାଇ । (୬)
ହେଟାତ ମୋର ବହେନ୍ ହେବା ତାହାକେ ଠକି ହେଇଚୁ ବିହା
ମୋର୍ ବହେନ୍‌କେ ହେଲ ବିହା ତୁମର ବହେନ୍ ମୋତେ ବିହା । (୭)


ମୋ- ୯୪୩୭୦୩୦୪୫୩


## ଚେର !!


କୈଳାସ ଚନ୍ଦ୍ର ସାହାଣୀ


ଚେର ହିଁ ବୃକ୍ଷର ମୂଳ ଅସ୍ତିତ୍ୱ
ଯାହା ସବୁରି ଅଲକ୍ଷରେ ମାଟି ତଳେ ଥାଏ ;
ନିଜ ପାରିଲା ପଣିଆରେ ସେ ଶୋଷିନିଏ
ଜଳ ସହ ମାଟିର ବଳ,
ବୃକ୍ଷ ପଲ୍ଲବିତ ହୁଏ
ଚିତ୍ରିତ ଶାଖା ମେଲେ
ଫୁଲ ଫଳରେ ଜନମନ ହରେ,
କିନ୍ତୁ ଚେର ଥାଏ ମାଟିର ଅଭ୍ୟନ୍ତରେ
ଗୋଟେ ଅନାଲୋଚିତ ଚୁକ୍ତି ପରି !

ବୀଜ ଭ୍ରୁଣରେ ରୂପାନ୍ତରିତ ହେଲାବେଳେ
ସ୍ୱତଃ ଚେରର ଆତ୍ମ ପ୍ରକାଶ ଘଟେ,
ମାଟି ଫାଟେ, ପାଷାଣ ଫାଟେ
ଫାଟିଯାଏ କଙ୍କରିଳ ପାହାଡ ମଥାନ
ଆଉ ଜରାଜୀର୍ଣ୍ଣ ସୌଧର ଚନ୍ଦ୍ରଶାଳା ପୁର !

ଚେରକୁ କିଏ ସଜାଏ ବହୁ ରୂପରେ
ପ୍ରଧାନ ଚେର ଆଉ ଶାଖା ଚେର,
ମନେହୁଏ ଏ ଚେର ଭିତରେ ବି
କେହିଜଣେ ମୁରବୀ ଅଛି,
ସେ ମାଟି ଚିରି କେଉଁ ଗଭୀରକୁ ଯାଉଚି
ଛାଣି ଆଣୁଚି ଗଛ ପାଇଁ ଖାଦ୍ୟସାର
ଏ ଯେମିତି ଗୋଟେ ଗୃହସ୍ଥର ପାରିବା ପଣିଆ
ଇଏ ବି ଗୋଟେ ସଂସାର
ସବୁଜ ପତ୍ରଟିଏ ମାଆ ପରି ପାଚିକା ସାଜୁଛି
ଶାଖାମାନେ ସନ୍ତାନର ଭୂମିକାରେ ଅବତୀର୍ଣ୍ଣ !

ଚେର କେବେ ପାଦ ଛନ୍ଦେ
ବାହୁ ପ୍ରସାରେ,
ବଟ ବୃକ୍ଷରେ ପାଲଟିଯାଏ ଚପଳ ଶିଶୁଙ୍କର ଦୋଳି
ଶିଅ ପରି ଲମ୍ବୁଥାଏ ଶାଖା ଚେର-
ମାଟିକୁ ଧରି ରଖିବାର ଯାବତ ଯତ୍ନ ଆଉ ପ୍ରଚେଷ୍ଟାରେ !
ଯେଉଁ ଚେର ଯେତେ ଗଭୀରକୁ ଯାଏ
ସେ ଗଛ ସେତେ ବାଆ ପାଣି ଖାଇ ଫୁଲେ
ଝଡ ବତାସକୁ ନଥାଏ ଖାତିର,
ଚେର କଟିଗଲେ ମରିଯାଏ ଗଛ
ଉଡ଼ିଯାଏ ପକ୍ଷୀ
ଝଡ଼ିପଡ଼େ ପତ୍ର ଆଉ ଫୁଲ,
ହଜିଯାଏ ଗୋଟେ ସବୁଜ ବନସ୍ପତିର ମାୟା !

କେହି କେବେ ଦେଖିନାହିଁ
ଚେରର ସେ ନିରବଚ୍ଛିନ୍ନ କୃଚ୍ଛ ସାଧନା,
ନିରବଧି ପଦଯାତ୍ରା ....
ବୀଜଟିଏ ଯେଉଁ ଦିନ ଭୂମି ସ୍ପର୍ଶ କରେ
ସେଇ ଦିନଠୁ ପଞ୍ଚଭୂତ ସବାର ହୁଏ,

ଏବେ କିଏ ଖୋଳି ନେଉଚି ମାଟି
ଚେରର ଚୌହଦୀରୁ,
କିଏ କାଟି ଦେଉଛି ଭିତରେ ଭିତରେ
ଧଳା ଉଈ ହୋଇ,
କିଏ ଶୁଖାଇ ଦେଉଛି ଚାରିଆଡୁ ଜଳସ୍ତର
ନଦୀ, ନାଳ, ପୋଖରୀ, ଗାଡ଼ିଆରୁ ଉଭାନ ପାଣି,
ଚେରଟିଏ କେବେ ସମୁଦ୍ରର ଢେଉ ସହୁଚି
ଜୁଆର ଭଟ୍ଟାର ତାଣ୍ଡବ ଦେଖୁଛି;
ଚେର ଚିରଦିନ କେବଳ ଗଛର ଜୀବନ ହୋଇ
ଯୁଝି ଚାଲିଛି !!


ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଗଡପଳାଶୁଣୀ, ଢେଙ୍କାନାଳ
ମୋ-୯୪୩୭୮୪୩୨୧୯


## କାକର


ଜଗଦୀଶ ସାହୁ




କେଉଁ କାରିଗର ଘାସ ପତରରେ
ବିନ୍ଦୁ ବିନ୍ଦୁ କରି ଥୋଇଛି ପାଣି
ରବି କିରଣରେ ତା' ରୂପମାଧୁରୀ
ସବୁରି ଆଖିକୁ ନେଉଛି ଟାଣି !
ନିରେଖି ଦେଖିଲେ ମୁକୁତା ପରି ସେ
ଚିକିମିକ କରି ମୋହୁଛି ମନ
ଛୁଇଁଦେଲେ ତାକୁ ଶୀତଳ ଲାଗୁଛି
ପ୍ରକୃତି ରାଣୀର ଅମୂଲ୍ୟ ଦାନ !
ବଡ଼ ସରାଗେ ସେ ଧୋଇଦିଏ ପାଦ
ତା' ଉପରେ ଯେବେ ଯାଏ ମୁଁ ଚାଲି
ହେମନ୍ତ ଓ ଶୀତ ଏ ଦୁଇ ଋତୁରେ
ସହଜେ ମନରୁ ହୁଏନା ଭୁଲି !
ଟପଟପ ହୋଇ ପଡୁଥିଲେ ଖସି
ଦେହ ଭିଜିଯାଏ ଛୁଆଁରେ ତାର
ବିଶ୍ୱ ନିୟନ୍ତାଙ୍କ ଅନୁପମ ସୃଷ୍ଟି
ନାଆଁଟି ତାହାର ଝରା କାକର !


ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮
ମୋ-୯୦୭୮୧୮୫୬୧୬




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ଜାନୁଆରୀ ୨୦୨୪ ଶନିବାର













ନୂଆପଡ଼ା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ବସ୍ ଦୁର୍ଘଟଣା :୨୫ ଯାତ୍ରୀ ଆହତ

**ଚୌଦ୍ୱାର,ନ୍ୟୁଜ୍‌ବ୍ୟୁରୋ**

୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ଛକ ନିକଟରେ ଗୁରୁବାର ଭୋର ସମୟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ଉପରେ ଓଲଟି ପଡ଼ିବା ଫଳରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୨୫ ଜଣ ଆହତ ହୋଇଥିବା ଜଣା ପଡ଼ିଛି। ଚୌଦ୍ୱାର ପୋଲିସ ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଆହତମାନଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ଥିବା ସୂଚନା ମିଳିଛି। ଆହତମାନେ ସମସ୍ତେ ଦେବଗଡ଼ ଅଞ୍ଚଳର ବୋଲି ପୋଲିସ୍ ସୂଚନା




ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଶ୍ରୀଲକ୍ଷ୍ମୀ ନାମକ ବସ୍‌ଟି ୪୦ଜଣ ଯାତ୍ରୀଙ୍କୁ ନେଇ ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୩ଟା ସମୟରେ ବସ୍‌ଟି ୫୫ ନମ୍ବର ଜାତୀୟ ରାଜପଥର ନୂଆପାଟଣା ଗଡ଼ା ନିକଟରେ ରାଜପଥରୁ ବୁଲି ନୂଆପାଟଣା ରାସ୍ତାଦେଇ ମଧୁ ସେତୁ ଅଭିମୁଖେ ଯାଉଥିବାବେଳେ ନୂଆପାଟଣା ଛକ ଉପରେ ରାସ୍ତାମଝିରେ ଥିବା ଡିଭାଇଡ଼ରରେ ପିଟି ହେବା ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ ଚୌଦ୍ୱାର ଥାନା ପୋଲିସ୍ ଓ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସା ପାଇଁ ପଠାଇବା ସହିତ ବସ୍‌ଟିକୁ କ୍ରେନ୍ ସାହାଯ୍ୟରେ ରାସ୍ତାରୁ ଉଠାଇଥିଲେ। ଘଟଣାର ତଦନ୍ତ ଜାରି ରହିଛି।

# ପିପିଏ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

**ପାରାଦୀପ,ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସକାଳେ ପାରାଦୀପ ବନ୍ଦର ପ୍ରାଧିକରଣର ଆର ଆଣ୍ଡ ବି ଡିଭିଜନ ଦ୍ୱାରା ଆୟୋଜିତ ହୋଇଥିବା ୩୮ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀରେ ଅଧିକାରୀମାନେ କ୍ଲବରେ ସୁସଜ୍ଜିତ ହୋଇଥିବା ବିଭିନ୍ନ ରଙ୍ଗର ସୁନ୍ଦର ଫୁଲର ସାକ୍ଷୀ ହେବା ପାଇଁ ପାରାଦୀପ ବନ୍ଦର ଟାଉନ୍‌ସିପ୍ ଏହାର ବାର୍ଷିକ ପୁଷ୍ପମାଲ୍ୟ ଅର୍ପଣ ସହିତ ପାଳନ କରିଥିଲା। ଏହାକୁ ପିପିଏର ଅଧ୍ୟକ୍ଷ ପିଏଲ୍ ହାରାନାଦ ଉଦ୍‌ଘାଟନ କରିଥିଲେ। ସେ କହିଛନ୍ତି ଯେ ପୁଷ୍ପ ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ହେଉଛି ପାରାଦୀପ ବନ୍ଦରକୁ ସବୁଜ ଏବଂ ସୁନ୍ଦର ବନ୍ଦର ଭାବରେ ବିକଶିତ କରିବା। ଅଠରବାଙ୍କି ଠାରୁ ଗେଟ



ନମ୍ବର-୪ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ପୋର୍ଟ ଟାଉନସିପ ଏବଂ ଏହାର ଆଖପାଖରେ ସବୁଜତାକୁ ପ୍ରୋତ୍ସାହିତ କରିବା ପାଇଁ ଓଏଫଡିସି ମାଧ୍ୟମରେ ଗତ ତିନିବର୍ଷ ପାଇଁ କ୍ରମାଗତ ଭାବରେ ପ୍ରତିବର୍ଷ ଏକ ଲକ୍ଷ ଚାରା ରୋପଣ କରାଯାଏ। ଆଉ ଦୁଇ ବର୍ଷ ମଧ୍ୟରେ ବନ୍ଦର ଦୃଶ୍ୟପଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ଏହି ଅବସରରେ ନୀଳାଭ୍ରା ଦାସଗୁପ୍ତା, ଡି.ଚେୟାରମ୍ୟାନ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୧୩୫ ଅଂଶଗ୍ରହଣକାରୀ ୪୮ ଟି ବିଭିନ୍ନ ବର୍ଗରେ ଫୁଲ, ପନିପରିବା ଏବଂ ଉଦ୍ଭିଦର ଚମତ୍କାର ସଂଗ୍ରହ ପ୍ରଦର୍ଶନ କରିଥିଲେ। ଯେପରିକି ଫୁଲ, କଟା ଏବଂ ହାଣ୍ଡି ବ୍ୟବସ୍ଥାରେ ବର୍ଗୀକୃତ ଅଳଙ୍କାର ଉଦ୍ଭିଦ, ବନସାଇ, ପନିପରିବା ଏବଂ ପତ୍ର ଜନସାଧାରଣ ଏବଂ ଡେନିଜେନ୍ସ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିବାକୁ ଏହି ସ୍ଥାନକୁ ଭିଡ଼ କରିଥିଲେ। ଏହି ପୁଷ୍ପ ପ୍ରଦର୍ଶନୀରେ ଅଗଣିତ ରଙ୍ଗ ଏବଂ ଫୁଲର ସୁଗନ୍ଧ ଆକର୍ଷଣୀୟ ଥିଲା। ଅଫିସର୍ସ କ୍ଲବ୍‌ରେ ସନ୍ଧ୍ୟାରେ ଆୟୋଜିତ ଏକ ଜ୍ୟୋତିର୍ମୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ପିପିଏ, ଡେପୁଟି ଚେୟାରମ୍ୟାନ୍, ପିପିଏ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅକ୍ଷର ଭୂମିର...

ପାଣ୍ଡିଆନ ନିୟମିତ କଳାମଣ୍ଡଳ ଯାଇ ଅକ୍ଷର ଭୂମି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଛି। ଲୋକାର୍ପଣ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ବାଲାକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଏବଂ ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ପ୍ରମୁଖ ଉପସ୍ଥିତ ଥିଲେ।

## ୬୮ ହଜାର କୋଟି ...

ଏନସିପିସିଏଲ ରାଉରକେଲା ପି.ପି.-ଟୁର ୨୫୦ ମେଗାୱାଟ୍ ବିଶିଷ୍ଟ ପରିବର୍ଦ୍ଧିତ ପ୍ରକଳ୍ପ ରହିଛି। ସେହିଭଳି ପ୍ରଧାନମନ୍ତ୍ରୀ ଏନ୍‌ଟିପିସି ତାଳଚେର ଥର୍ମାଲ ପାୱାର ଷ୍ଟେଜ୍-୩ ପ୍ରକଳ୍ପର ୬୬୦ ମେଗାୱାଟ୍ ବିଶିଷ୍ଟ ୨ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହି ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟକୁ ଶସ୍ତାରେ ବିଦ୍ୟୁତ୍ ଯୋଗାଣ କରିବ। ପ୍ରଧାନମନ୍ତ୍ରୀ ଏହି ଅବସରରେ ୨୭ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ନେଭେଲି ଲିଗ୍‌ନାଇଟ୍ କର୍ପୋରେସନର ତଲାବିରା ତାପଜ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହି ଅତ୍ୟାଧୁନିକ ପ୍ରକଳ୍ପ ଦେଶର ଶକ୍ତି ନିରାପତ୍ତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସୁଲଭ ମୂଲ୍ୟରେ ୨୪ ଘଣ୍ଟିଆ ଶକ୍ତି ପ୍ରଦାନ କରିବ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍‌ର କୋଇଲା ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏଥିରେ ଅନୁଗୁଳ ଜିଲ୍ଲାର ତାଳଚେର କୋଲ ଫିଲ୍ଡସ୍‌ର ପ୍ରଥମ ପର୍ଯ୍ୟାୟ ଏବଂ ଲାଜକୁଲା ର୍‌ୟାପିଡ୍ ଲୋଡିଂ ସିଷ୍ଟମ୍ ରହିଛି। ୨ ହଜାର ୧୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପଗୁଡ଼ିକ ଯୋଗାଣ ପ୍ରକ୍ରିୟାକୁ ଆହୁରି ସୁବ୍ୟବସ୍ଥିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ଜିଲ୍ଲାରେ ୫୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇବ୍ ଭ୍ୟାଲି ୱାସରୀକୁ ଉଦ୍‌ଘାଟନ କରିବା ସହ ୮୭୮ କୋଟି ଟଙ୍କା ବିନିଯୋଗରେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଝାରସୁଗୁଡ଼ା-ବରପାଲି-ସରଡେଗା ରେଳ ଲାଇନ୍ ଫେଜ୍-ୱାନ୍‌ର ୫୦ କିଲୋମିଟର ଲମ୍ବ ଦ୍ୱିତୀୟ ଟ୍ରାକ୍‌କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଦୁଇ ହଜାର ୪୫ କୋଟି ଟଙ୍କାର ୩ଟି ଜାତୀୟ ରାଜପଥ ପ୍ରକଳ୍ପକୁ ସମ୍ବଲପୁରଠାରେ ଲୋକାର୍ପଣ କରିବେ। ସେଗୁଡ଼ିକ ହେଉଛି ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁର ବ୍ରାହ୍ମଣୀ ବାଇପାସ୍ ଏବଂ ବ୍ରାହ୍ମଣୀ ବାଇପାସ୍‌ରୁ ରାଜମୁଣ୍ଡା ଓ ସୁନ୍ଦରଗଡ଼ ଜିଲ୍ଲାର ରିମୁଳିଠାରୁ ୫୨୦ ନମ୍ବର ଜାତୀୟ ରାଜପଥର କୋଏଡ଼ା ପର୍ଯ୍ୟନ୍ତ ସଡ଼କ ପ୍ରକଳ୍ପ ରହିଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ପ୍ରାୟ ୨ ହଜାର ୧୪୬ କୋଟି ଟଙ୍କାର ରେଳ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ସହ ଶିଳାନ୍ୟାସ କରିବେ। ଶୈଳଶ୍ରୀ ପ୍ୟାଲେସରୁ ଅନୁପ୍ରାଣିତ ସମ୍ବଲପୁର ରେଳ ଷ୍ଟେସନର ପୁନଃନିର୍ମାଣ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ। ଏହାଛଡ଼ା ୧୬୮ କିଲୋମିଟର ଲମ୍ବ ସମ୍ବଲପୁର-ତାଳଚେର ଦୋହରୀକରଣ ରେଳ ଲାଇନ ଏବଂ ୨୧.୭ କିଲୋମିଟର ଲମ୍ବ ଝାରସୁଗୁଡ଼ା-ସୋନପୁର ନୂଆ ରେଳଲାଇନର ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିବେ, ଯାହା ଏହି ଅଞ୍ଚଳର ରେଳ ଯାତ୍ରୀଙ୍କ ପାଇଁ ଯୋଗାଯୋଗରେ ଉନ୍ନତି ଆଣିବ। ପ୍ରଧାନମନ୍ତ୍ରୀ ଆଇ.ଆଇ.ଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସକୁ ଉଦଘାଟନ କରିବା ସହ ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ।

## ନୂଆ ଓଡ଼ିଶା...

ବିଜୁ ପରିବାର ବି ଏକାଠି ହୁଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ଆପଣଙ୍କ ସବୁ ସ୍ୱପ୍ନ ସାକାର ହେବ। ଗତ ମେ ମାସରେ ଖରିଆର ଗସ୍ତରେ ଯାଇଥିଲେ ୫-ଟି ଅଧ୍ୟକ୍ଷ। ସେ ସମୟରେ ତାଙ୍କୁ ୮୪୦ଟି ଦରଖାସ୍ତ ମିଳିଥିଲା। ସେଥି ମଧ୍ୟରୁ ୭୮୦ଟି ଦରଖାସ୍ତର ସମାଧାନ ହୋଇସାରିଛି। ଆଜି ମଧ୍ୟ ସେ ଖରିଆରବାସୀଙ୍କଠାରୁ ଅନେକ ଆବେଦନପତ୍ର ପାଇଛନ୍ତି। ଆଉ ମାତ୍ର ୨୦ ଦିନ ପରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ସେ ଭିତରେ ଯେତିକି ସମ୍ଭବ ଆବେଦନର ସମାଧାନ ହେବ। ଯେଉଁଗୁଡ଼ିକ ରହିଯିବ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନିଜେ ଆସିବେ ଆଉ ୧୦ ଦିନରେ ସବୁ ଆବେଦନର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ୫-ଟି ଅଧ୍ୟକ୍ଷ। ଗତ ୭ ମାସରେ ନୂଆପଡାବାସୀଙ୍କ ଦାବି ଅନୁଯାୟୀ ପ୍ରାୟ ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ନୂଆପଡାବାସୀଙ୍କ ଦାବି ଅନୁଯାୟୀ ଜିଲ୍ଲାର ସବୁ କଲେଜକୁ ୫-ଟି ରୂପାନ୍ତରଣରେ ସାମିଲ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୧୩ କୋଟି ୨୫ ଲକ୍ଷ ଟଙ୍କା ମଂଜୁର କରିଛନ୍ତି। ଆସନ୍ତା ଫେବୃଆରୀ ଶେଷ ସୁଦ୍ଧା ଜିଲ୍ଲାର ସବୁ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ରୁମ ଓ ଇ-ଲାଇବ୍ରେରୀ ସୁବିଧା ପାଇବେ ବୋଲି ସେ କହିଛନ୍ତି। ପୋଖରୀପଡାରେ ଆଦିବାସୀ ଛାତ୍ରାବାସ ପାଇଁ ୩ କୋଟି ଟଙ୍କା, ସୁନାବେଡାକୁ ରାସ୍ତା ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ସୁନାବେଡ଼ା ରାସ୍ତାକାମ ଚାଲିଛି, ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଶାଳପଡାରେ ଏକ ଶିକ୍ଷା କମ୍ପ୍ଲେକ୍ସ ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମଣ୍ଡେଇ ମନ୍ଦିର ରୂପାନ୍ତରଣ ପାଇଁ ୨ କୋଟି ୬୦ ଲକ୍ଷ ଟଙ୍କା, ଯୋଗେଶ୍ୱର ମନ୍ଦିର ଉନ୍ନତିକରଣ ପାଇଁ ୩ କୋଟି ୯୫ ଲକ୍ଷ ଟଙ୍କା ଓ ପାତାଳଗଙ୍ଗାର ରୂପାନ୍ତରଣ ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି। ସେହିଭଳି ପିଇବା ପାଣି ପ୍ରକଳ୍ପ ପାଇଁ ୯ କୋଟି ୪୦ ଲକ୍ଷ ଟଙ୍କା, ବୋଡେନ-ସିନାପାଲି ରାସ୍ତା ପାଇଁ ୩୮୩ କୋଟି ଟଙ୍କା ଓ ସହଜ ନଳା ଉପରେ ସେତୁ ପାଇଁ ୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏସବୁ ସ୍ୱପ୍ନ ଲାଗୁଥାଇପାରେ। କିନ୍ତୁ ମୁଖ୍ୟମନ୍ତ୍ରୀ କଥା କମ, କାମରେ ବିଶ୍ୱାସ କରନ୍ତି ତେଣୁ ଏସବୁ ସମ୍ଭବ ହୋଇଛି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ସେ କହିଥିଲେ ଯେ, ଲୋକେ କେତେ କେତେ ନେତା ଦେଖିଛନ୍ତି। ହେଲେ କେହି ଲୋକଙ୍କୁ ଏତେ ହିସାବ ଦିଅନ୍ତିନି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ସ୍ୱଚ୍ଛତାର ସହ ସବୁ କାମର ହିସାବ ଦିଅନ୍ତି। ମିଳିଥିବା ଆବେଦନ ମଧ୍ୟରୁ ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ସମ୍ପର୍କୀତ ଆବେଦନ ଉପରେ ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ପଡୋଶୀ କଳାହାଣ୍ଡି ଜିଲ୍ଲାରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହୋଇଛି। ଖୁବଶୀଘ୍ର ନୂଆପଡାରେ ଗଡିବ ଲକ୍ଷ୍ମୀ ବସ। ମୁଖ୍ୟମନ୍ତ୍ରୀ ନିଜର ସବୁ ଯୋଜନାରେ ମହିଳାଙ୍କୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଯେଉଁଥିପାଇଁ ଲକ୍ଷ୍ମୀ ବସରେ ଯାତ୍ରା ପାଇଁ ମହିଳାଙ୍କୁ ମାତ୍ର ୫ଟଙ୍କା ଦେବାକୁ ପଡୁଛି। ସେହିଭଳି ବିଏସକେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଛି। ଯେଉଁମାନେ ବିଏସକେୱାଇରେ ସାମିଲ ହୋଇନାହାଁନ୍ତି, ସେମାନେ ନବୀନ କାର୍ଡ ପାଇଁ ଆବେଦନ କରିବାକୁ ଅପିଲ କରିଛନ୍ତି ୫-ଟି ଅଧ୍ୟକ୍ଷ। ସେହିଭଳି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ କଳାକାର ଭତ୍ତା ବଢିବ। ଏ ନେଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଘୋଷଣା କରିବେ। ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ସେ କହିଛନ୍ତି।

## ଝାଡ଼ଖଣ୍ଡର ...

ଶପଥ ନେଇଛନ୍ତି। ଶୁକ୍ରବାର ରାଜଭବନରେ ରାଜ୍ୟପାଳ ସିପି ରାଧାକୃଷ୍ଣନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବିଧାୟକ ଦଳ ନେତା ହେଉଛନ୍ତି ୬୨ ବର୍ଷୀୟ ଚମ୍ପଇ ସୋରେନ। ୨୦୦୫ ମସିହାରୁ କ୍ରମାଗତ ଭାବେ ଚମ୍ପଇ ସୋରେନ ୪ ଥର ବିଧାୟକ ଭାବେ ଜିତିଛନ୍ତି। ୩ ଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ସେ ଦାୟିତ୍ୱ ତୁଲାଇଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ହେମନ୍ତ ସୋରେନଙ୍କ ମନ୍ତ୍ରିମଣ୍ଡଳରେ ଚମ୍ପଇ ସୋରେନ ପରିବହନ, ପଛୁଆ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ। ୨୦୦୫ ମସିହାରେ ପ୍ରଥମ ଥର ପାଇଁ ସରାୟକେଲା ଆସନରୁ ଚମ୍ପାଇ ସୋରେନ ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

## ଚଳଚ୍ଚିତ୍ର ଅଭିନେତା...

ସେ ନିଶାନ୍ତ (ଅତିଥି କଳାକାର), ମନ୍ଥନ, ବାଲି ଘର, ଇନ୍‌କାର, ସଫେଦ ହାତୀ, ଅଭିମାନ, ମୃଗୟା, ଶୀତ ରାତି, ଭୁଖା (ସମ୍ବଲପୁରୀ ଫିଲ୍ମ), ୧୫ଟି ଭାଷାରେ ନିର୍ମିତ ଫିଲ୍ମ ଜୟ ଜଗନ୍ନାଥ ଆଦିରେ ଅଭିନୟ କରିଥିଲେ। ଅଭିମାନ ଓ ଆଉ କିଛି ଫିଲ୍ମର ସେ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ୨୦୧୭ ମସିହାରେ ସାଧୁ ମେହେରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଦ୍ମଶ୍ରୀ ସାଧୁ ମେହେର ତାଙ୍କର ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଓଡିଶା ସମେତ ଜାତୀୟ ସ୍ତରରେ ଜଣେ ପ୍ରଶଂସନୀୟ ବ୍ୟକ୍ତିତ୍ୱ ଥିଲେ। ଉଭୟ ହିନ୍ଦି ଓ ଓଡିଆ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଛାପ ଛାଡି ଯାଇଛନ୍ତି। ସେ ହେଉଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଥମ ଓଡିଆ ଅଭିନେତା। କଳା କ୍ଷେତ୍ରରେ ପାରଦର୍ଶିତା ପାଇଁ ଅନେକ ସମ୍ମାନ ଓ ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି। ତାଙ୍କ ବିୟୋଗ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ପୁରୀରେ ପହଞ୍ଚିଲା ...

କମ୍ପାନୀ ଏକ ହଜାର ଚାଷୀଙ୍କୁ ଚାଷ କରିବା ପାଇଁ ଏହି କଳାଜିରା ଚାଉଳର ବିହନ ଯୋଗାଇଥିଲା। ଏବେ ଏହାର ଅମଳ ଆସିବା ପରେ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏହାକୁ ଅର୍ପଣ କରାଯାଇଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ଏହି ଚାଉଳକୁ ବ୍ୟବହାର କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ସେପଟେ କମ୍ପାନୀ ପକ୍ଷରୁ ଆସିଥିବା ୧ କ୍ୱିଣ୍ଟାଲ କଳାଜିରା ଚାଉଳ, କଞ୍ଚା କଦଳୀ, ନଡ଼ିଆକୁ ଶ୍ରୀମନ୍ଦିର ପ୍ରଶାସନ ଦାନ ପ୍ରକୋଷ୍ଠରେ ରଖାଯାଇଛି। ଏନେଇ ସୁଆର ମହାସୁଆର ନିଯୋଗ ସହ ଆଲୋଚନା ପରେ ଏହି ଚାଉଳ ମହାପ୍ରସାଦ ପ୍ରସ୍ତୁତ ପାଇଁ ବ୍ୟବହାର ହେବ କି ନାହିଁ ତାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ପିଆରଓ କହିଛନ୍ତି।




ଭୁବନେଶ୍ୱର : ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ଦର୍ଶକମାନେ। (ଫଟୋ : ସମ୍ବାଦ କଳିକା)

# ଚଣ୍ଡୀ ମନ୍ଦିର ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକର ଆରାଧ୍ୟା ଦେବୀ ମା' କଟକ ଚଣ୍ଡୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ମା'ଙ୍କ ଦର୍ଶନ କରି ଦିବ୍ୟ ଅନୁଭୂତି ଲାଭ କରିବେ ଓ ଦର୍ଶନ ସେମାନଙ୍କ ପାଇଁ ସ୍ମରଣୀୟ ହୋଇପାରିବ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ (ଆଇଏଏସ୍) ଆଜି କଟକ ଚଣ୍ଡୀମନ୍ଦିର ଦର୍ଶନ କରିବା ସହ ମନ୍ଦିର ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଏବଂ ଉନ୍ନତ ମାନର କାର୍ଯ୍ୟ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଆସନ୍ତା ଏକ ମାସ ମଧ୍ୟରେ ମନ୍ଦିର ଚତୁଃପାର୍ଶ୍ୱର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ମୁଖ୍ୟ ମନ୍ଦିର ମଧ୍ୟରେ ଥିବା ଭୋଗ ଦୋକାନ ଏବଂ ଦ୍ୱୀପ ବିକ୍ରୟ କେନ୍ଦ୍ରକୁ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ କୋଠାଘରକୁ ସ୍ଥାନାନ୍ତର କରାଯିବା ନେଇ ବିଭାଗୀୟ ଯନ୍ତ୍ରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଉପଜିଲ୍ଲାପାଳ କଟକ ସଦର କମଲଜିତ୍ ଦାସ୍, କଟକ ସଦର ତହସିଲଦାର ସୁଜୟ ପତି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହ ମା'ଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ଶ୍ରୀ ଭିକାରୀ ଚରଣ ଦାସ୍, ୟୁନେସ୍କୋର ଓଡ଼ିଶା ଶାଖା ସମ୍ପାଦକ ଦ୍ୱିପାୟନ ପଟ୍ଟନାୟକଙ୍କ ସମେତ ଧର୍ମେଶ ନାୟକ, ନରେଶ ସାହୁ ପ୍ରମୁଖ କର୍ମକର୍ତ୍ତାମାନେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR

Ph.No.-0674-230178
Fax No.-0674-230062
Email I.D- eerw_bbsr@yahoo.co.in

No:-Tender – Online – BBSR Divn. – 48 Date :- 30.01.2024

O-2394

e-Procurement NOTICE

1. Name of the work : Repair / Maintenance of road work
2. Total No. of Road : 22 Nos. of Roads
3. Class of contractor
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 5.00 lakh to Rs. 15.00 lakh
5. Time for completion : 1 (One) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 48 | 05.02.2024 at 11.00 A.M. | 12.02.2024 up to 5.00 P.M | 13.02.2024 at 11.00 A.M. |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Divn, BBSR

OIPR-25066/11/0021/2324

O-2402
☎06670-230[illegible]
GOVERNMENT OF ODISHA E_mailL: rw_bhawanipatna@yahoo.co.in
OFFICE OF THE EXECUTIVE ENGINEER
RURAL WORKS, DIVISION, BHAWANIPATNA.
Letter No.497 Date:02.02.2024

e-Procurement Notice

Bid identification No: EERWBPT/Online-13/2023-24

1. Name of works : Road work (As per Annexure-A)
2. Total No. of work : Road– 7 No
3. Estimated Cost : As per 'Annexure – 'A'
4. E.M.D : 1 % of Estimated Cost.
5. Cost of Tender document : As per 'Annexure – 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Executive Engineer, Rural Works Division, Bhawanipatna | EERWBPT/Online-13/2023-24 | 03.02.2024 | 12.02.2024 Upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in

Sd/- Executive Engineer
Rural Works, Division, Bhawanipatna

OIPR-25070/11/0001/2324

GOVERNMENT OF ODISHA (eerw_kpd@yahoo.com )
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
O-2387

1st Corrigendum to

Tender call Notice No- Tender Online RWD/KPD - 11 of 2023-24, Dated:- 20.01.2024

Due to unavoidable circumstances the change as detailed below are hereby made in the above NIT

6. Decision to conduct Lottery- If required, to decide the agency, transparent Lottery shall be conducted on dt.23.02.2024 at 11.00 A.M in Office Chamber of the under signed.

7. Period of availability of tenders on line / Date of time of bidding online / Date of opening of tender papers. : The details are as follows.

| Procurement Officer | Place of opening | Availability of tender on line for bidding in online. | | Last date & time of seeking tender clarification. | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works, Division, Kendrapara. | Office of the Superintending Engineer, Rural Works, Division, Kendrapara. | 06.02.2024 At 11:00 AM | Up to 5.00 PM on 17.02.2024 | Up to 5:00 PM on 16.02.2024 | 19.02.2024 At 11:00 AM |

1. All other terms and conditions of the said Tender call Notice shall remain unaltered.

Sd/- Executive Engineer,
Rural Works Division, Kendrapada

OIPR-25064/11/0018/2324

